## ରାସ୍ତାରେ ଦନ୍ତା, ଲୋକେ ଭୟଭୀତ

ନିରାକାରପୁର,(ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତରେ ଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ଗୁରୁବାର ସନ୍ଧ୍ୟା ୫ଟାରେ ଏକ ଦନ୍ତାହାତୀ ନିକଟସ୍ଥ ଚିତ୍ରକୂଟ ପାହାଡରୁ ଆସି ଗୋଳବାଇ ଅଭିମୁଖେ ଯାଇଥିଲା। ହାତୀଟି କିଛି ସମୟ ରାସ୍ତାରେ ଅଟକି ରହିଥିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଫଳରେ ଉଭୟପଟ ରାସ୍ତା ବନ୍ଦ ରହିଥିଲା। ହାତୀଟି ରାସ୍ତାପାର ହେବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ହାତୀଟି ଦୀର୍ଘଦିନ ହେବ ଏ ଅଞ୍ଚଳରେ ରହି ଆତଙ୍କ ସୃଷ୍ଟି କରିଛି। ପ୍ରାୟ ସବୁଦିନ ଏହି ରାସ୍ତାରେ ହାତୀଟି ବିଚରଣ କରୁଥିବାର ଦେଖିବାକୁ ମିଳୁଛି। ଏହି ହାତୀଟି ରାମେଶ୍ୱର ଭଗବତ ମେଳଣ ପଡ଼ିଆ ଦେଇ ମନ୍ଦାକିନୀ ନଦୀ ପାର ହୋଇ ଗୋଳବାଇକୁ ଯାଇଥିଲା। ଖବରପାଇ ଭୂଷଣ୍ଡପୁର ଫରେଷ୍ଟର ସିଦ୍ଧଚରଣ ସିଂ ପହଞ୍ଚି ହାତୀର ଗତି ଅନୁଧ୍ୟାନ କରି ଲୋକଙ୍କୁ ସଚେତନ କରାଇଥିଲା।

## ସଂକ୍ଷେପରେ

### ୨୪ ଗ୍ରାମ ବ୍ରାଉନସୁଗାର ଜବତ: ୨ ଗିରଫ

ଖୋର୍ଦ୍ଧା ଅଫିସ,୧୯।୧୧: ଖୋର୍ଦ୍ଧା ସହରରେ ବ୍ରାଉନସୁଗାର ବିକ୍ରି କରୁଥିବା ୨ଜଣ ଯୁବକଙ୍କୁ ଗୁରୁବାର ପୋଲିସ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ନନ୍ଦପୁର ଗ୍ରାମର ସୁନୀଲ କୁମାର ମାନସିଂ ଓ ନିରଞ୍ଜନ ଦଳେଇ। ସେମାନଙ୍କଠାରୁ ୨୪ଗ୍ରାମର ବ୍ରାଉନସୁଗାର ଓ ଗୋଟିଏ ବାଇକ୍ (ଓଡି ୦୨ଏଏଫ୍- ୭୮୪୬) ଜବତ କରାଯାଇଛି। ଜବତ ବ୍ରାଉନସୁଗାରର ମୂଲ୍ୟ ୨ଲକ୍ଷ ୪୦ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ସୁନୀଲ ଓ ନିରଞ୍ଜନ ଖୋର୍ଦ୍ଧା ସହରର ବାଟମଙ୍ଗଳା ହାଉସିଂବୋର୍ଡ ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟରେ ବେପାର ଜମାଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲେ। ଏ ନେଇ ଏକ କେସ୍ (ନଂ. ୪୧୩/୨୦) ରୁଜୁ କରାଯାଇଛି।

### ୧୪ ଗ୍ରାମ ବ୍ରାଉନସୁଗାର ଜବତ, ୭ ଗିରଫ

ପିପିଲି,୧୯।୧୧(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ବଜାରର ଦେବୀଗଳିଠାରେ ବୁଧବାର ରାତିରେ ବ୍ରାଉନସୁଗାର କାରବାର ହେଉଥିବା ପିପିଲି ଥାନା ପୋଲିସ ନିକଟରେ ଖବର ପହଞ୍ଚିଥିଲା। ପରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ାଉ କରି ୧୪ଗ୍ରାମ ବ୍ରାଉନସୁଗାର ଜବତ କରିବା ସହ ୭ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପିପିଲି ଦେବୀଗଳିର ନିରଞ୍ଜନ ପାଣ୍ଡେ, ଜଗବନ୍ଧୁ ବଇଠାରୁ, ସୁବଳପୁରର ଦୁଷ୍ମନ୍ତ ସାହୁ, ଦାନଗହୀରର ଶିରାଯ ଖାଁ, ଦାଣ୍ଡମୁକୁନ୍ଦପୁରର ଅମରେଶ ଘଡାଇ, ମଞ୍ଚେଶ୍ୱରର ଦୁର୍ଗାଚରଣ ସ୍ୱାଇଁ ଏବଂ କେନ୍ଦ୍ରାପଡାର ସତ୍ୟଜିତ୍ ପରିଡା। ଏ ନେଇ ପୋଲିସ ନଂ.୩୭୬ /୨୦. ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

### 'ନିମୋନିଆକୁ ରୋକିବ ସଚେତନତା'

ଖୋର୍ଦ୍ଧା ଅଫିସ,୧୯।୧୧: ଖୋର୍ଦ୍ଧା ଜିଲାରେ ନିମୋନିଆ ନିରାକରଣ ଲାଗି ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସନତ ମହାନ୍ତି ଅଧକ୍ଷତା କରିଥିଲେ। ସିଡିଏମ୍ଓ ବିଶ୍ୱରଞ୍ଜନ ପତି କହିଲେ, ଜିଲାରେ ନିମୋନିଆ ନିରାକରଣ ଲାଗି ନଭେମ୍ବର ୧୬ରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ଆସନ୍ତା ଫେବୃୟାରୀ ୨୮ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଳୟର ମହିଳା ଓ ଶିଶୁଯତ୍ନ କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଲୋକେ ସଚେତନ ହେଲେ ନିମୋନିଆଜନିତ ସମସ୍ୟା ଦୂର ହୋଇପାରିବ। ବୈଠକରେ ଡା. ଦ୍ୱାରିକା ମୋହନ ଶତପଥୀ, ଡ. ଜୀବନ୍ତ କୁମାର ଆଚାର୍ଯ୍ୟଙ୍କ ସମେତ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

### କ୍ରିକେଟ୍: ଭୁବନେଶ୍ୱର କମାଣ୍ଡ-୧୧ ବିଜୟୀ

ପିପିଲି,୧୯।୧୧(ସ୍ୱ.ପ୍ର.)- ପିପିଲି ଇନ୍ଦିରା ମୈଦାନଠାରେ ଚାଲିଥିବା ୩ଦିନିଆ ୨ୟ ବର୍ଷ ସତ୍ୟରାମ ସ୍ୱାଇଁ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ସ୍ୱର୍ଗତ ସତ୍ୟରାମ ସ୍ୱାଇଁଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ଥାନୀୟ ମା' ଜାଗେଶ୍ୱରୀ କ୍ରିକେଟ କ୍ଲବ ପକ୍ଷରୁ ଏହି ଟୁର୍ନାମେଣ୍ଟ ହେଉଥିବା ବେଳେ ଉଦ୍‌ଯାପନ ମ୍ୟାଚରେ ଭୁବନେଶ୍ୱରର କମାଣ୍ଡ-୧୧ ଦଳ ବିଜୟୀ ହୋଇଛି। ଗୁରୁବାର ଭୁବନେଶ୍ୱରର କମାଣ୍ଡ-୧୧ ଓ ବାଲକାଟି ଅଞ୍ଚଳର ଜେ.ସି.ସି ଦଳ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବେ ପିପିଲି ବ୍ଲକ ସମିତିସଭ୍ୟ ସରୋଜ ପ୍ରଧାନ ଯୋଗଦେଇଥିଲେ। ଏଥିରେ ମା' ଜାଗେଶ୍ୱରୀ କ୍ରିକେଟ କ୍ଲବ ସଭାପତି ଅକ୍ଷୟ ପ୍ରଧାନ, ପପୁନା ପ୍ରଧାନ, ବାବାଜୀ ସ୍ୱାଇଁ, ବ୍ରଜ ନାୟକ, ଅଜୟ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

### କ୍ୟାବିନ୍ ଭାଙ୍ଗି ଲୁଟ୍, ୬ ଗିରଫ

ପୁରୀ ଅଫିସ,୧୯।୧୧: ପୁରୀ ସହରରେ କ୍ୟାବିନ ଭାଙ୍ଗି ସାମଗ୍ରୀ ଲୁଟ୍ କରୁଥିବା ଏକ ଗ୍ୟାଙ୍ଗକୁ ସମୁଦ୍ରକୂଳ ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଅନନ୍ତ ବେହେରା, ସହଦେବ ବେହେରା, ସୀମାଞ୍ଚଳ ବେହେରା ଓ ବିକାଶ ବଡେଇ। ଏମାନଙ୍କଠାରୁ କମ୍ ମୂଲ୍ୟରେ ସାମଗ୍ରୀ କିଣିଥିବା ୨ ବ୍ୟବସାୟୀ ଗୌଡ଼ବାଡ଼ ସାହିର ଭଗବାନ ବେହେରା ଓ ପିଣ୍ଟୁ ସାମନ୍ତରାୟଙ୍କୁ ଗିରଫ କରାଯିବା ସହ ସାବୁନ, ବିସ୍କୁଟ, ସିଗାରେଟ, ସାମ୍ପୁ, ଗୁଟ୍‌ଖା ଆଦି ଲୁଟ୍ ସାମଗ୍ରୀ ଜବତ କରାଯାଇଛି। ଗତ ୧୬ ତାରିଖରେ ଦୋକାନରୁ ଚୋରି ନେଇ ଜିତୁ ସିଂ ଥାନାରେ ଅଭିଯୋଗ କରିଥିଲେ।

# ଜବରଦଖଲରେ ପାଇକ ସ୍ମାରକୀ ସ୍ଥାନ

- ଶିଳାନ୍ୟାସ ପରେ ବି କାମ ଆରମ୍ଭ ହୋଇନି
- ଶେଷ ସ୍ୱାଧୀନ ଦୁର୍ଗ ଖୋର୍ଦ୍ଧାଗଡ଼ ଅବହେଳିତ

**ଖୋର୍ଦ୍ଧା ଅଫିସ, ୧୯।୧୧:**

ଭାରତୀୟ ମୁକ୍ତି ସଂଗ୍ରାମର ପ୍ରଥମ ସ୍ୱାଧୀନତା ଆନ୍ଦୋଳନ ମାନ୍ୟତା ପାଇଥିବା ପାଇକ ବିଦ୍ରୋହର ଦୁଇଶହ ପୂର୍ତ୍ତି ଅବସରରେ ୨୦୧୯ ଡିସେମ୍ବରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ବରୁଣେଇ ପାଦଦେଶରେ ପାଇକ ସ୍ମାରକୀ ନିର୍ମାଣ ଲାଗି ଶିଳାନ୍ୟାସ କରିଥିଲେ। ପାଇକଙ୍କ ଅତୀତ, ଗୌରବମୟ ଇତିହାସ, ବ୍ରିଟିଶ ସହ ଲଢେଇ, ସେମାନଙ୍କ ବ୍ୟବହୃତ ଅସ୍ତ୍ରଶସ୍ତ୍ର, ପାଇକ ବିଦ୍ରୋହର ସମ୍ପୂର୍ଣ୍ଣ ଝଲକ ପାଇକ ସ୍ମାରକୀରେ ସ୍ଥାନ ପାଇବ। ବିଶ୍ୱ ଦରବାରରେ ଖୋର୍ଦ୍ଧା ମାଟିର ଗୌରବ ବୃଦ୍ଧି ଘଟିବ। ଏ ନେଇ ଖୋର୍ଦ୍ଧାବାସୀଙ୍କ ସମେତ ରାଜ୍ୟର ଐତିହାସିକ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ଆଉ କିଛି ଦିନ ପରେ ଶିଳାନ୍ୟାସକୁ ବର୍ଷେ ପୂରିବ। ହେଲେ ବର୍ତ୍ତମାନ ସୁଦ୍ଧା ପ୍ରସ୍ତାବିତ ସ୍ଥାନରେ ଇଟା ଖଣ୍ଡେ ପଡ଼ିନାହିଁ। ପ୍ରସ୍ତାବିତ ସ୍ଥାନର ଅର୍ଦ୍ଧାଧିକ ଜମି ଜବରଦଖଲରେ ରହିଛି। ଏହି ସ୍ଥାନକୁ ଜବରଦଖଲମୁକ୍ତ ସହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ଏବଂ ଖୋର୍ଦ୍ଧାଗଡ଼ ପୁନରୁଦ୍ଧାର ଲାଗି ଗୁରୁବାର ଖୋର୍ଦ୍ଧା ସହରସ୍ଥ ନ୍ୟୁ ଥିଙ୍କିଙ୍ଗ ଫୋରମର ଆବାହକ ନରେନ୍ଦ୍ର ପୃଷ୍ଟିଙ୍କ ନେତୃତ୍ୱରେ ଐତିହ୍ୟ ଗବେଷକ ଗୋପାଳକୃଷ୍ଣ ଦାସ, ବୈକୁଣ୍ଠନାଥ ରାଜଗୁରୁ, କୃଷ୍ଣ ଜଗଦ୍ଦେବ ପ୍ରମୁଖ ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପାଇକ ସ୍ମାରକୀ ନିର୍ମାଣ ଲାଗି ରାଜ୍ୟ ସରକାର ୧୦ ଏକର ଜମି ଯୋଗାଇ ଦେଇଥିଲେ। ଏହି ଜମିର ସିଂହ ଭାଗ ଏକ ଘରୋଇ କମ୍ପାନୀ ଏବଂ କଲେଜ କର୍ତ୍ତୃପକ୍ଷ ନିଜ ଅକ୍ତିଆରରେ ରଖିଛନ୍ତି। ଏପର୍ଯ୍ୟନ୍ତ ଏହାକୁ ଜବରଦଖଲମୁକ୍ତ ଲାଗି ପ୍ରଶାସନ ପକ୍ଷରୁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଫଳରେ ପାଇକ ବୀରଙ୍କ ସ୍ମୃତିରେ ନିର୍ମାଣ ହେବାକୁ ଥିବା ଏହି ସ୍ମାରକୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଶାସନ ପକ୍ଷରୁ ଜବରଦଖଲ ହଟାଇବା ସହ ଭାରତର ଶେଷ ସ୍ୱାଧୀନ ଦୁର୍ଗ ଭାବେ ପରିଚିତ ଖୋର୍ଦ୍ଧାଗଡ଼ର ଐତିହ୍ୟ ସଂରକ୍ଷଣ ଏବଂ ପୁନରୁଦ୍ଧାର ଲାଗି ପ୍ରତିନିଧି ଦଳ ଜିଲାପାଳ ସନତ ମହାନ୍ତିଙ୍କୁ ଅନୁରୋଧ କରିଛନ୍ତି।


ନ୍ୟୁ ଥିଙ୍କିଙ୍ଗ ଫୋରମର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରୁଛନ୍ତି ।

**ଇତିହାସ କହେ:** ସ୍ୱାଧୀନତା ଆନ୍ଦୋଳନରେ ଖୋର୍ଦ୍ଧା ମାଟିର ବିଶେଷ ଅବଦାନ ରହିଛି। ବ୍ରିଟିଶ ବିରୋଧରେ ସଂଗ୍ରାମ କରି ପାଇକ ବୀରମାନେ ନିଜ ବୀରତ୍ୱ ଓ ମାଟି ପ୍ରତି ଥିବା ଉତ୍ତରଦାୟିତ୍ୱର ପରିଚୟ ଦେଇଥିଲେ। ଖୋର୍ଦ୍ଧାଗଡ଼ ଆଜି ବି ବୀରତ୍ୱର ଗାଥାକୁ ସାଇତି ରଖିଛି। ୧୫୭୨ରୁ ୧୮୦୪ ଖ୍ରୀଷ୍ଟାବ୍ଦ ଡିସେମ୍ବର ୪ ପର୍ଯ୍ୟନ୍ତ ୨୩୨ ବର୍ଷ କାଳ ଖୋର୍ଦ୍ଧାଗଡ଼ ଓଡ଼ିଶାର ରାଜଧାନୀ ଥିଲା। ଇତିହାସ କହେ ଯେ, କଳାପାହାଡ଼ ଶ୍ରୀଜଗନ୍ନାଥଙ୍କୁ ନେଇଯାଇ ଗଙ୍ଗାନଦୀ କୂଳରେ ପୋଡ଼ି ଦେଇଥିଲେ। ଏହାପୂର୍ବରୁ ବିଶର ମହାନ୍ତି ନାମକ ବ୍ୟକ୍ତି ମହାପ୍ରଭୁଙ୍କ ବ୍ରହ୍ମଙ୍କୁ ନେଇଯାଇ କୁଜଙ୍ଗଠାରେ ଲୁଚାଇ ରଖିଥିଲେ। ପରବର୍ତ୍ତୀ ସମୟରେ ଏହାକୁ ଖୋର୍ଦ୍ଧାଗଡ଼ରେ ସ୍ଥାପନ କରାଯାଇଥିଲା। ଏଠାରେ ମହାପ୍ରଭୁ ୮ ବର୍ଷ କାଳ ଗୋପନରେ ରହିଥିଲେ।

# ଟ୍ରଲର ମାଡ଼ରେ କଇଁଛ ମୃତ

**କୋଣାର୍କ,୧୯।୧୧(ଡି.ଏନ୍.ଏ.):**



କୋଣାର୍କର ଚନ୍ଦ୍ରଭାଗା କୂଳରେ ଏକ ଟ୍ରଲର ମାଡ଼ରେ ଗୋଟିଏ ଅଲିଭ ରିଡଲେ କଇଁଛର ମୃତ୍ୟୁ ହୋଇଥିବା ଗୁରୁବାର ଜଣାପଡ଼ିଛି। ଖବରପାଇ ବନ ବିଭାଗ ପକ୍ଷରୁ ମୃତ କଇଁଛକୁ ସେଠାରେ ପୋତି ଦିଆଯାଇଛି। ତେବେ ବେଆଇନ ଭାବେ ଚଳାଚଳ କରୁଥିବା ଟ୍ରଲର ଯୋଗୁ ଏଭଳି ଘଟଣା ବାରମ୍ବାର ଏଠାରେ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗର ଉଦାସୀନତା ନୀତି ଯୋଗୁ ସମୁଦ୍ରଜଳ ପଥର ନିଷିଦ୍ଧାଞ୍ଚଳରେ ବେଆଇନ ଟ୍ରଲର ଚାଲୁଛି। ଫଳରେ ସମୁଦ୍ରକୂଳ ଅଭିମୁଖେ ଅଣ୍ଡା ଦାନ ନିମନ୍ତେ ଆସୁଥିବା ଶତାଧିକ ଅଲିଭ ରିଡଲେ କଇଁଛ ଟ୍ରଲର ମାଡ଼ରେ ମୃତ୍ୟୁବରଣ କରୁଛନ୍ତି। ସମୁଦ୍ରକୂଳରୁ ୫ କି.ମି. ଦୂରରେ ରହି ଟ୍ରଲରଗୁଡ଼ିକ ଫିସିଂ କରିବା ପାଇଁ ମତ୍ସ୍ୟ ବିଭାଗର ନିୟମ ରହିଛି। ହେଲେ ଏହି ନିୟମକୁ କେହି ମାନୁ ନ ଥିବାରୁ କେଳୁଣି ମୁହାଣ, ରାମଚଣ୍ଡୀ କୂଳ ଓ ଚନ୍ଦ୍ରଭାଗା କୂଳକୁ ଅଣ୍ଡା ଦାନ ପାଇଁ ଆସୁଥିବା କଇଁଛ ଅକାଳରେ ମୃତ୍ୟୁର ଶିକାର କରୁଛନ୍ତି। ଏଭଳି ବେଆଇନ ଟ୍ରଲର ଚଳାଚଳରେ ମତ୍ସ୍ୟବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଉଥିବାରୁ ପରିବେଶବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ କଇଁଛଙ୍କର ଏଭଳି ମୃତ୍ୟୁ ହେଉଥିବାବେଳେ ଜନଆକ୍ରୋଶରୁ ବର୍ତ୍ତିବା ପାଇଁ ମତ୍ସ୍ୟବିଭାଗ ପକ୍ଷରୁ ଭୋରୁ ଆସି ମୃତ କଇଁଛଗୁଡ଼ିକୁ ସେଠାରେ ଖୋଳି ପୋତି ଦିଆଯାଉଛି। ବିଭାଗର ଏଭଳି କାର୍ଯ୍ୟକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଉଛି। ତେଣୁ ଏଠାରେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବା ସହ କଇଁଛଙ୍କ ସୁରକ୍ଷା ପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ପରିବେଶବିତମାନେ ଦାବି କରିଛନ୍ତି।

# ନିମାପଡ଼ା କଲେଜର ପ୍ରଥମ ପିଜି ପରୀକ୍ଷାଫଳ ପ୍ରକାଶିତ

**ନିମାପଡ଼ା,୧୯।୧୧(ଡି.ଏନ୍.ଏ.):**



**ଶତପ୍ରତିଶତ ପାସ୍ ହାର**

ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଥମଥର ସ୍ନାତକୋତ୍ତର(ପିଜି) ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏହି ପରୀକ୍ଷାର ପାସ ହାର ଶତକଡ଼ା ଶତପ୍ରତିଶତ ହୋଇଛି। କଲେଜରେ ପ୍ରଥମଥର ପାଇଁ ସ୍ନାତକତ୍ତୋର ଶ୍ରେଣୀର ଓଡ଼ିଆ ବିଭାଗରେ ୨୯ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ବିଜ୍ଞାନର ଜୁଲୋଜି ବିଭାଗରେ ୧୫ଜଣ ମଧ୍ୟ ଶତପ୍ରତିଶତ ପାସ୍ ହୋଇଛନ୍ତି। ତେବେ ବାଣିଜ୍ୟ ବିଭାଗର ୨୬ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨୪ଜଣ ପ୍ରଥମ ଶ୍ରେଣୀ ଓ ଅନ୍ୟ ୨ଜଣ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଲେଜର ପ୍ରଥମ ବ୍ୟାଚ ପିଜି ଶ୍ରେଣୀରେ କଲେଜ ପାସ୍‌ହାରରେ ଆଶାତୀତ ସଫଳତା ହାସଲ କରିବା ଓ ଶତପ୍ରତିଶତ ପାସହାର ହୋଇଥିବାରୁ ଗଣଶିକ୍ଷା ମନ୍ତ୍ରୀ ତଥା ବିଧାୟକ ସମୀର ରଞ୍ଜନ ଦାଶ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଓ ସାଧୁବାଦ ଜଣାଇଛନ୍ତି। ପରୀକ୍ଷାଫଳ ପ୍ରକାଶିତ ସମାରୋହରେ ଅତିଥିଭାବେ କଲେଜ ଅଧ୍ୟକ୍ଷ ପ୍ରଫେସର ରାଜକିଶୋର ରଥ, ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଜଗତ୍‌ପ୍ରସାଦ ସାବୁତ୍, ଅଧ୍ୟାପକ ପ୍ରଣବ ସ୍ୱାଇଁ, ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ଦେବେନ୍ଦ୍ରନାଥ ଦାସ, ଉପପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁବାସ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦେଇ ପରୀକ୍ଷା ଫଳ ପ୍ରକାଶ କରିଥିଲେ। ଶତପ୍ରତିଶତ ପାସ କରିଥିବା ସମସ୍ତ ଛାତ୍ରୀଛାତ୍ରୀଙ୍କୁ କଲେଜ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକାମାନେ କୃତଜ୍ଞତା ଓ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# କାୟାକଳ୍ପ ମାନ୍ୟତା ପୁରସ୍କାର ବିତରଣ ସମାରୋହ

**ନିମାପଡ଼ା,୧୯।୧୧(ଡି.ଏନ୍.ଏ.):**

ନିମାପଡ଼ା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚଳିତବର୍ଷ ୨୦୧୯-୨୦ ବର୍ଷରେ ପୁରୀ ଜିଲାରେ ପ୍ରଥମ କାୟାକଳ୍ପ ମାନ୍ୟତା ପ୍ରଦାନ କରାଯାଇଛି। ରାଜ୍ୟସ୍ତରୀୟ ଚୟନ କମିଟି ପକ୍ଷରୁ ଏହା ଦିଆଯାଇଥିବାବେଳେ ଏହି ଉତ୍ସବ ସ୍ଥାନୀୟ ମେଡିକାଲରେ ହୋଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସ୍ୱାସ୍ଥ୍ୟ ସେବା, ସ୍ୱଚ୍ଛତା ପରିବେଶ, ପରିମଳ ବ୍ୟବସ୍ଥା, ନିରାମୟ ଯୋଜନା, ହର୍ବାଲ ଗାର୍ଡେନ ବ୍ୟବସ୍ଥା, ଉତ୍ତମ ରୋଗୀ ସେବା କ୍ଷେତ୍ରରେ ପାରଦର୍ଶିତା ପାଇଁ ନିମାପଡ଼ା ମେଡିକାଲକୁ ଏହି ସମ୍ମାନଜନକ କାୟାକଳ୍ପ ମାନ୍ୟତା ମିଳିଥିବା ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ କ୍ଷମାନଧି ସେଠୀ ସୂଚନା ଦେଇଛନ୍ତି। ଆୟୋଜିତ ଅନୁଷ୍ଠାନରେ ମୁଖ୍ୟଅତିଥି ଭାବେ ଗଣ ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ପୂର୍ତ୍ତ ବିଭାଗ, ସହରାଞ୍ଚଳ ପାନୀୟ ଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ପୁରସ୍କାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଚାରିଛକ ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଶାନ୍ତ କୁମାର ସାମନ୍ତରାୟ, ଫାର୍ମାସିଷ୍ଟ ଆଇ.ତ୍ରିନାଥ ପାତ୍ର, ପୂର୍ତ୍ତ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ଦାସ, ସହରାଞ୍ଚଳ ପାନୀୟଜଳ ଯୋଗାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମହାନ୍ତି, ଏନ୍ଏସିର ପୂର୍ବତନ ଅଧ୍ୟକ୍ଷ ସନାତନ ପ୍ରଧାନ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ରୋଗୀ କଲ୍ୟାଣ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଦାବିରେ ସତ୍ୟବ୍ରତଙ୍କ ପଦଯାତ୍ରା

**ବୋଲଗଡ,୧୯।୧୧(ଡି.ଏନ୍.ଏ.):**

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରି ୨୦୧୯ ଜୁଲାଇ ୧୦ରୁ ଆରମ୍ଭ କରିଥିବା ଓଡ଼ିଶା ଜନ ସଚେତନତା ମଞ୍ଚର ଆବାହକ ସତ୍ୟବ୍ରତ ଦାସ ପଦଯାତ୍ରାରେ ଗୁରୁବାର ଖୋର୍ଦ୍ଧା ଜିଲା ବୋଲଗଡ ବ୍ଲକରେ ପହଞ୍ଚିଛନ୍ତି । ସତ୍ୟବ୍ରତଙ୍କ ଘର ଜଗତ୍‌ସିଂହପୁର ଜିଲା ବାଲିକୁଦା ବ୍ଲକରେ। କେନ୍ଦ୍ର ସରକାରଙ୍କୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବା ପାଇଁ ରାଜ୍ୟ ସରକାର ବାରମ୍ବାର ପ୍ରସ୍ତାବ ଦେଇ ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ତେବେ ଏହି କଥାକୁ ନେଇ ସତ୍ୟବ୍ରତ ପ୍ରତି ବ୍ଲକର ବିଡିଓଙ୍କଠାରୁ ଦସ୍ତଖତ କରି ଶେଷରେ ରାଷ୍ଟ୍ରପତିଙ୍କୁ ଭେଟି ଏହି ପତ୍ର ଦେବା ଉଦ୍ଦେଶ୍ୟରେ ପଦଯାତ୍ରା ଆରମ୍ଭ କରିଛନ୍ତି। ସେ ଏହି ପଦଯାତ୍ରା ଯାଜପୁର ଜିଲା ବଡ଼ଚଣା ବ୍ଲକରୁ ଆରମ୍ଭ କରିଥିବା କହିଛନ୍ତି। ବର୍ତ୍ତମାନ ସୁଦ୍ଧା ସେ ୪୯୯ ଦିନ ପାଦରେ ଚାଲି ଚାଲି ୨୭୭ ବ୍ଲକରେ ପହଞ୍ଚି ପାରିଛନ୍ତି। ସତ୍ୟବ୍ରତ ବୋଲଗଡ଼ରେ ପହଞ୍ଚି ପ୍ରଥମେ ବୋଲଗଡ ବଜାରରେ ଥିବା ଗୋପବନ୍ଧୁ ମଣ୍ଡପଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ପରେ ତାଙ୍କୁ ସାମାଜିକ କର୍ମୀ ଓ ଜନପ୍ରତିନିଧିମାନେ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ। ଶେଷରେ ସେ ବ୍ଲକ କାର୍ଯ୍ୟାଳୟଠାରେ ପହଞ୍ଚି ବୋଲଗଡ ବିଡିଓ ଧୋବେଇ ନାୟକଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରିବା ସହ ଦସ୍ତଖତ ଆଣିଥିଲେ। ଶୁକ୍ରବାର ସତ୍ୟବ୍ରତ ବେଗୁନିଆ ବ୍ଲକ ଯିବେ ବୋଲି ଜଣାପଡିଛି।


ସତ୍ୟବ୍ରତ ଦାସ ବୋଲଗଡ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

# ଖୋର୍ଦ୍ଧାରେ ଆଜିଠାରୁ ଟିକାକରଣ

**ଖୋର୍ଦ୍ଧା ଅଫିସ,୧୯।୧୧:**

ଖୋର୍ଦ୍ଧା ଜିଲାରେ ନଭେମ୍ବର ୨୦ରୁ ଟିକାକରଣ ଅଭିଯାନ ଆରମ୍ଭ ହୋଇ ଏହି ଅଭିଯାନ ଆସନ୍ତା ଫେବୃୟାରୀ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏ ନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସନତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଡିଏମ୍ଓ ବିଶ୍ୱରଞ୍ଜନ ପତି ସ୍ୱତନ୍ତ୍ର ଟିକାକରଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜନ୍ମ ହେବାଠାରୁ ୧୬ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ଏଥିରେ ସାମିଲ କରାଯାଇପାରିବ। ଯେଉଁମାନେ ପୂର୍ବରୁ ଟିକା ନେଇଛନ୍ତି କିମ୍ବା ଅଧାରୁ ଟିକା ନେବା ଛାଡ଼ିଦେଇଛନ୍ତି, ସେମାନଙ୍କୁ ପୁଣି ଥରେ ଏହି ପ୍ରତିଷେଧକ ଟିକା ଦିଆଯିବ। ଯକ୍ଷ୍ମା, ଡିପ୍‌ଥେରିଆ, ଟିଟାନସ୍, ମିଳିମିଳା, ରୁବେଲା ଓ ପୋଲିଓ ପାଇଁ ଏହି ଟିକା ଦିଆଯିବ। ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକେନ୍ଦ୍ର କରାଯିବ। ପ୍ରତି ବୁଧବାର ସହ ସପ୍ତାହରେ ତିନି ଦିନ ଟିକାକରଣ କାର୍ଯ୍ୟକ୍ରମ ହେବ। ଖୋର୍ଦ୍ଧା ଜିଲାରେ ଟିକାକରଣ ହାର ୬୯ ପ୍ରତିଶତ ରହିଛି। ଏହାକୁ ବୃଦ୍ଧି କରିବା ଲାଗି ଜିଲାପାଳ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଦ୍ୱାରିକାମୋହନ ଶତପଥୀ, ଡା. ଜୀବନ୍ତ କୁମାର ଆଚାର୍ଯ୍ୟ, ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ।

# 'ବିଧାନସଭାରେ ଉଠିବ ହାଜତ ମୃତ୍ୟୁ ପ୍ରସଙ୍ଗ'

**ପୁରୀ ଅଫିସ,୧୯।୧୧:**

ପୋଲିସ ହେପାଜତରେ ଯୁବକଙ୍କ ମୃତ୍ୟୁକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛି ଭାଜପା। ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ଗୁରୁବାର ସନ୍ଧ୍ୟାରେ ୨୦ଜଣ ବିଧାୟକଙ୍କ ଏକ ପ୍ରତିନିଧି ଦଳ ପୁରୀ ଆସି ମୃତକଙ୍କ ସମ୍ପର୍କୀୟଙ୍କୁ ଭେଟିଛନ୍ତି। ଏଥିପାଇଁ ପୋଲିସ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କୁ ଭାଜପା ଦାୟୀ କରିଛି। ସୁନ୍ଦରଗଡ଼ ଓ ପୁରୀରେ ହାଜତ ମୃତ୍ୟୁକୁ ନେଇ ଗୁରୁବାରକୁ କଳା ଦିବସ ଘୋଷଣା କରିଛନ୍ତି ପ୍ରଦୀପ୍ତ। ସେ କହିଛନ୍ତି, ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ଏହି ଘଟଣାକୁ ଭାଜପା ନିନ୍ଦା କରୁଛି। ପୋଲିସର ଏଭଳି ଆଚରଣକୁ ତୀବ୍ର ବିରୋଧ କରୁଛୁ। ମୃତକଙ୍କ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ସହ ସିଟିଂ ଜଜ୍‌ଙ୍କ ଦ୍ୱାରା ଏହାର ତଦନ୍ତ କରାଯାଉ। ପୁରୀ ଏସ୍‌ପିଙ୍କୁ କାର୍ଯ୍ୟାନ୍ତର ସହ ତାଙ୍କୁ ଅନ୍ୟ କୌଣସି ଜିଲାରେ ଏହି ପଦବୀରେ ରଖା ନ ଯାଉ। ଏହି ପ୍ରସଙ୍ଗକୁ ଭାଜପା ବିଧାନସଭାରେ ଉଠାଇବ ବୋଲି ପ୍ରଦୀପ୍ତ କହିଛନ୍ତି। ସେହିପରି ବିଧାୟକ ଜୟନାରାୟଣ ମିଶ୍ର ଏହି ଘଟଣାରେ ଏସ୍‌ପିଙ୍କ କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ୩୦୨ ଦଫାରେ ମାମଲା ରୁଜୁ କରି ଗିରଫ କରାଯାଉ। ଫଳରେ ଭବିଷ୍ୟତରେ ଯେପରି ଆଉକେହି ଏଭଳି କାମ କରିବାକୁ ସାହସ କରିବେ ନାହିଁ। ବିଧାୟକ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି,ଏହା ପୋଲିସର ବର୍ବରତା। ବୋଧେ ପାକିସ୍ତାନ ଲୋକେ ପୁରୀକୁ ପଳାଇ ଆସିଥିବା ଭାବି ପୋଲିସ ଏଭଳି କାର୍ଯ୍ୟାନୁଷ୍ଠାନ କଲା। ଭାଜପାର ଏହି ପ୍ରତିନିଧି ଦଳରେ ଥିବା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ, ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, କୁସୁମ ଟେଟେ ପ୍ରମୁଖ ଏସ୍‌ପିଙ୍କ ଅଫିସ୍ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ପରେ ମୃତକଙ୍କ ପରିବାରକୁ ଭେଟିଥିଲେ।

**ସିଟିଂ ଜଜ୍‌ଙ୍କ ଦ୍ୱାରା ତଦନ୍ତ ହେଉ**

ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ବିକ୍ଷୋଭ କରାଯିବା ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଆଇନଜୀବୀ ଶରତ ରାୟଗୁରୁ କହିଛନ୍ତି, ସିଟିଂ ଜଜ୍‌ଙ୍କ ଦ୍ୱାରା ଘଟଣାର ନ୍ୟାୟିକ ତଦନ୍ତ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ଦାୟୀ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି।

# ୬.୭୬ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ

**ଡିସେମ୍ବର ୨୮ରୁ ପ୍ରକ୍ରିୟା ଆରମ୍ଭ**

**ପୁରୀ ଅଫିସ,୧୯।୧୧:**

ପୁରୀ ଜିଲା ଚାଷୀଙ୍କଠାରୁ କିପରି ସୁରୁଖୁରୁରେ ଖରିଫ ଧାନ ସଂଗ୍ରହ କରାଯିବ ସେ ନେଇ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗୁଗୁଲ୍ ମିଟ୍ ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ବଲୱନ୍ତ ସିଂ ଅଧ୍ୟକ୍ଷତା କରିଥିଲେ। କୌଣସି ପରିସ୍ଥିତିରେ ଚାଷୀମାନେ ଯେପରି ଧାନ ବିକ୍ରି ନେଇ ସମସ୍ୟାରେ ନ ପଡ଼ନ୍ତି ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଡିସେମ୍ବର ୨୮ ତାରିଖରୁ ପୁରୀ ଜିଲାର ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବ। ଏହା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଚାଲିବ। ୧୯୦ ସମବାୟ ସମିତି ଜରିଆରେ ଧାନ ସଂଗ୍ରହ ହେବ। ଧାନ ବିକ୍ରି କରିବା ଲାଗି ୫୫,୬୫୧ ଜଣ ଚାଷୀନାମ ପଞ୍ଜୀକରଣ କରିଛନ୍ତି। ୨୦୨୦-୨୧ରେ ପ୍ରଥମ ପର୍ଯ୍ୟାୟରେ ୬,୭୬,୪୭୦ କୁଇଣ୍ଟାଲ ଖରିଫ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର କହିଛନ୍ତି। ମଣ୍ଡିରେ ଚାଷୀମାନେ ଧାନ ବିକ୍ରି ସମୟରେ ଯେପରି କୌଣସି ପ୍ରକାର ଅସୁବିଧାରେନ ପଡ଼ନ୍ତି ତାହା ଉପରେ ଗୁରୁତ୍ୱ ଦିଆଯିବ। ଟୋକନ ବ୍ୟବସ୍ଥାକୁ ବ୍ୟବସ୍ଥିତ ଏବଂ ଧାନ ବିକ୍ରି ଅର୍ଥ ତୁରନ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରଦାନ କରାଯିବ। ଏହି ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଅଂଶଗ୍ରହଣ କରିଥିଲେ। ସୂଚନାଥାଉ କି, ୨୦୧୯-୨୦ ବର୍ଷରେ ଚାଷୀଙ୍କଠାରୁ ୧୮୩ଟି ସମବାୟ ସମିତି ମାଧ୍ୟମରେ ୧୪,୭୯,୪୪୩ କୁଇଣ୍ଟାଲ ରବି ଓ ଖରିଫ ଧାନ ସଂଗ୍ରହ କରାଯାଇଥିଲା । ୫୩,୧୭୭ ଜଣ ଚାଷୀ ଧାନ ଦେଇଥିଲେ।

# ବିଦେଶୀ ପକ୍ଷୀଙ୍କ ଆଗମନ ସଂଖ୍ୟା କମୁଛି

**କୃଷ୍ଣପ୍ରସାଦ,୧୯।୧୧(ଡି.ଏନ୍.ଏ.):**

ଶୀତ ଋତୁ ଆସିଲେ ରଙ୍ଗବେରଙ୍ଗ ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହୁଏ ଚିଲିକା ଓ ଏହାର ଉପକୂଳବର୍ତ୍ତୀ କୃଷ୍ଣପ୍ରସାଦ ଅଞ୍ଚଳ। ଯେଉଁଥି ପାଇଁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟେ ଚିଲିକାକୁ। ତେବେ ବିଡ଼ମ୍ବନାର ବିଷୟ ପ୍ରାକୃତିକ ବୈଷମ୍ୟତା ଯୋଗୁ ଅକ୍ଟୋବର ସାରା ଲଘୁଚାପଜନିତ ବର୍ଷା ହୋଇ ବିଦେଶ ପକ୍ଷୀଙ୍କ ଆଗମନରେ ବାଧା ସୃଷ୍ଟି କରିଛି। ହଜାର ହଜାର କିଲୋମିଟର ରାସ୍ତା ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ସେମାନେ ଚିଲିକା ଉପକୂଳବର୍ତ୍ତୀ ଇଲାକା ତଥା ଧାନ ଜମିକୁ ଆସିଥାନ୍ତି। କିନ୍ତୁ ଚଳିତବର୍ଷ କୃଷ୍ଣପ୍ରସାଦ ବ୍ଲକରେ ଗଜା ମରୁଡ଼ି ଯୋଗୁ ଧାନ ଫସଲ ହୋଇ ନ ଥିବାରୁ ଏହି ପକ୍ଷୀମାନଙ୍କର ଦେଖାମିଳୁ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ରହିଯାଇଥିବା ଗେଣ୍ଡାଳିଆ, ପେଣ୍ଟଡଷ୍ଟ୍ରକ, ଟିଇଁଟିଆଁ, ବାଟୁଆଣି ଆଦି ଦେଶୀ ପକ୍ଷୀମାନେ ଦେଖାଯାଉଛନ୍ତି।



ନଭେମ୍ବର ସରିବାକୁ ବସିଥିବା ବେଳେ ଏଯାବତ୍ ଆଶାନୁରୂପ ଶୀତର ପ୍ରଭାବ ନ ଥିବାରୁ ବିଦେଶୀ ପକ୍ଷୀଙ୍କ ଆଗମନ ସଂଖ୍ୟା ସାମାନ୍ୟ ହ୍ରାସ ପାଇଛି। ଏବେ ଚିଲିକା ମଧ୍ୟରେ ଅଳ୍ପ ସଂଖ୍ୟାରେ ବିଦେଶାଗତ ପକ୍ଷୀମାନେ ଚକର ମାରୁଥିବା ବେଳେ ତଟବର୍ତ୍ତୀ ଅଞ୍ଚଳ ପାରିକୁଦ, ଗୁରୁବାଇ, ନୂଆପଡା, ସିପିଆ, ଅଁଳାକୁଦା, ଠିଛିଣି, ପଟଂକୁଦି, ବନମାଳ, ଚଟେଇକୋଣ, ସୋଲାକୁଦି, ପାଣ୍ଡା, ଚିଖିଲି, ଚିତ୍ରକୋଟ, ଖଟିଆକୁଦିରେ ଦେଖିବାକୁ ମିଳୁ ନାହାନ୍ତି। ଉକ୍ତ ଅଞ୍ଚଳରେ କିଛି ମାତ୍ରାରେ ବିଦେଶାଗତ ଗଡଓାଲ, ସୋଭଲର, ଗଡଉଇଟ, ସ୍ୟାଣ୍ଡପାଇପର ଆଦି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳୁଛି। ବିଗତ ବର୍ଷ ଭଳି ଚିଲିକା ବନ୍ୟପ୍ରାଣୀ ବନାଞ୍ଚଳ ବନଖଣ୍ଡ, ବାଲୁଗାଁ ତରଫରୁ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ଏବର୍ଷ ମଧ୍ୟ କରାଯାଇଛି। ସେହିଭଳି ପାରିକୁଦ, ନୂଆପଡ଼ା ଏବଂ ସାତପଡ଼ାରେ ପକ୍ଷୀ ସୁରକ୍ଷା ଶିବିର କରାଯାଇଛି। ସେଠାରେ ପକ୍ଷୀଙ୍କ ସୁରକ୍ଷା ସହ ଖାଦ୍ୟ ପ୍ରତି ମଧ୍ୟ ବ୍ୟବସ୍ଥା କରାଯାଇଛି। ଯେପରି ବିଦେଶାଗତ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢ଼ିବାରେ ସହାୟକ ହୋଇପାରିବ। ଅନ୍ୟପଟେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ବାଲୁଗାଁ ତରଫରୁ ୮ଟି ସ୍ଥାନରେ ସାମୁଦ୍ରିକ କଇଁଛ ସୁରକ୍ଷା ଶିବିର କରାଯାଇଥିବା ଜଣାଯାଇଛି। ତେବେ ଗୋଟିଏପଟେ କରୋନା ମହାମାରୀ ଅନ୍ୟପଟେ ଆଶାତୀତ ପକ୍ଷୀ ସଂଖ୍ୟା ନ ଥିବା ଯୋଗୁ ପର୍ଯ୍ୟଟକ ଚିଲିକାକୁ ପ୍ରବେଶ କରିବା ଆଶା କ୍ଷୀଣ ହୋଇପଡ଼ିଛି । ଯାହାଦ୍ୱାରା ଚିଲିକା ଉପକୂଳବାସୀଙ୍କ ରୋଜଗାରରେ ବାଧା ଉପୁଜିବା ଆଶଙ୍କା ରହିଛି। ତେଣୁ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବାଘ ଛାଲ ଜବତ ଘଟଣା: ରିମାଣ୍ଡରେ ଅଭିଯୁକ୍ତ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ବରମୁଣ୍ଡା ଅଞ୍ଚଳରୁ ବାଘଛାଲ ଜବତ ଘଟଣାରେ ଅଭିଯୁକ୍ତ ପ୍ରଶାନ୍ତ ନାୟକଙ୍କୁ ରିମାଣ୍ଡରେ ନେଇଛି ଏସ୍‌ଟିଏଫ୍। ପ୍ରଶାନ୍ତଙ୍କୁ ତିନିଦିନିଆ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ୨ଦିନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଶାନ୍ତ ବାଘ ଛାଲ କେଉଁଠୁ ଆଣିଲା, କାହାକୁ ବିକ୍ରି କରୁଥିଲା, ଆଉ କାହା ସହ ତାଙ୍କର ଲିଙ୍କ୍ ରହିଛି ସେନେଇ ଅଧିକ ଜାଣିବା ପାଇଁ ଏସ୍‌ଟିଏଫ୍ ତାଙ୍କୁ ରିମାଣ୍ଡରେ ଆଣିଛି। ସୋମବାର ପ୍ରଶାନ୍ତଙ୍କୁ ଗିରଫ କରାଯିବା ସହ ବାଘଛାଲ ଜବତ ହୋଇଥିଲା।

**ସଂକ୍ଷେପରେ**

## ଟ୍ରାଫିକ ଡିସିପିଙ୍କୁ ପଞ୍ଜାବ କ୍ୟାଡର ମଞ୍ଜୁରୀ ମିଳିଲା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଭୁବନେଶ୍ୱର ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ପଞ୍ଜାବ କ୍ୟାଡରକୁ ଫେରିବେ। କ୍ୟାଡର ପରିବର୍ତ୍ତନ ପାଇଁ ସେ କରିଥିବା ଆବେଦନକୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ସୋମ୍ୟାଙ୍କ ଆବେଦନକୁ ମଞ୍ଜୁରୀ ଦେଇଥିଲେ। ୨୦୧୪ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର ସୌମ୍ୟା ହେଉଛନ୍ତି ଉତ୍ତରପ୍ରଦେଶର ବାସିନ୍ଦା। ସ୍ୱାମୀ ଦୀପକ ପାରିକ ପଞ୍ଜାବ କ୍ୟାଡରର ଆଇପିଏସ୍ ଅଫିସର। ସେ ଏବେ ପଞ୍ଜାବ ଲୁଧିଆନାର ଅତିରିକ୍ତ ଡିସିପି ଭାବରେ କାର୍ଯ୍ୟରତଥିବାରୁ ସୌମ୍ୟା ପଞ୍ଜାବ କ୍ୟାଡର ପରିବର୍ତ୍ତନ କରିବାକୁ ଆବେଦନ କରିଥିଲେ। ଏବେ ମଞ୍ଜୁରୀ ମିଳିଥିବାରୁ ସେ ପଞ୍ଜାବ ଚାଲିଯିବେ।

# ଗରିବ ହୃଦ୍‌ରୋଗୀ ଶିଶୁଙ୍କୁ ମାଗଣା ଚିକିତ୍ସା ଜାରି ରହିବ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଗରିବ ହୃଦ୍‌ରୋଗୀ ଶିଶୁଙ୍କୁ ରାଜ୍ୟ ସରକାର ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହି ସୁବିଧା ଜାରି ରଖିବା ପାଇଁ ଗୁରୁବାର ଓଡ଼ିଶା ସରକାର ପ୍ରଶାନ୍ତି ମେଡିକାଲ ସର୍ଭିସେସ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର(ପିଏମ୍‌ଏସ୍‌ଆର୍‌ଏଫ୍) ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଏମ୍‌ଓୟୁ ଅନୁଯାୟୀ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ଅହମ୍ମଦାବାଦସ୍ଥିତ ସତ୍ୟ ସାଇ ହାର୍ଟ ହସ୍ପିଟାଲରେ ରାଜ୍ୟର ଗରିବ ଶିଶୁମାନଙ୍କର ମାଗଣାରେ ହୃଦ୍‌ରୋଗ ଚିକିତ୍ସା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବିନିତ ସରନ୍, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ କଲ୍ଲେଶ ଜାଭେରି, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି।

୨୦୧୮ ନଭେମ୍ବରରେ ଏହି ହସ୍ପିଟାଲ ହୃଦ୍‌ରୋଗ ସମସ୍ୟା ଥିବା ଓଡ଼ିଶାର ଶିଶୁଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଦେବା ନେଇ ଘୋଷଣା କରିଥିଲା। ସେତେବେଳର ଚୁକ୍ତି ମୁତାବକ ଶିଶୁଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ପରିବହନ ଖର୍ଚ୍ଚ ସରକାର ବହନ କରୁଛନ୍ତି। ହସ୍ପିଟାଲରେ ସମସ୍ତ ସେବା ମାଗଣାରେ ପ୍ରଦାନ କରାଯାଉଛି। ଏବେସୁଦ୍ଧା ୧୦୧୯ ଶିଶୁ ଚିକିତ୍ସିତ ହୋଇ ସୁସ୍ଥ ଅବସ୍ଥାରେ ଘରକୁ ଫେରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଦ୍ୱିତୀୟଥର ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି।

**ଆଉ ଦୁଇବର୍ଷ ପାଇଁ ଏମ୍‌ଓୟୁ ନବୀକରଣ କଲେ ରାଜ୍ୟ ସରକାର**

କୋଭିଡ୍ ପରିସ୍ଥିତି ପାଇଁ କିଛିଦିନ ଲାଗି ଏହି ଚିକିତ୍ସା ସୁବିଧା ବନ୍ଦ ଥିବାବେଳେ ଏବେ ପୁଣିଥରେ ପିଲାମାନଙ୍କୁ ପଠାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଗରିବ ଓ ଅସହାୟ ଲୋକଙ୍କ ସ୍ୱାସ୍ଥ୍ୟକଥା ବୁଝିବାକୁ ସରକାର ସବୁବେଳେ ପ୍ରଚେଷ୍ଟାରତ। ସେମାନଙ୍କୁ ମାଗଣାରେ କାର୍ଡିଆକ୍ ଚିକିତ୍ସା ଯୋଗାଇଦେଇ ଏକ ନୂତନ ଜୀବନ ପ୍ରଦାନ କରିବା ଖୁସିର ବିଷୟ। ଏଥିପାଇଁ ସେ ପିଏମ୍‌ଏସ୍‌ଆର୍‌ଏଫ୍‌କୁ କୃତଜ୍ଞତା ଜଣାଇବା ସହ ଏହି ଚିକିତ୍ସା ସେବାର ଆବଶ୍ୟକତାକୁ ଉପଲବ୍ଧି କରି ରାଜ୍ୟ ସରକାର ପୁଣିଥରେ ଏମ୍‌ଓୟୁର ନବୀକରଣ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭି.କେ. ପାଣ୍ଡିଆନ୍, ସତ୍ୟ ସାଇ ହାର୍ଟ ହସ୍ପିଟାଲର ପରିଚାଳନା ଟ୍ରଷ୍ଟି ମନୋଜ ଭିମାନୀ, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଏନ୍‌ଏଚ୍‌ଏମ୍ ଏମ୍‌ଡି ଶାଳିନୀ ପଣ୍ଡିତ ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଆହତ ମହିଳାଙ୍କ ଚିକିତ୍ସା କଲେ ପ୍ରିୟଙ୍କା



ଆହତ ମହିଳାଙ୍କ ଗୋଡ଼ରେ ବ୍ୟାଣ୍ଡେଜ କରୁଛନ୍ତି ପ୍ରିୟଙ୍କା।

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

କର୍ତ୍ତବ୍ୟ ସହ ମାନବିକତା ଦେଖାଇ ଆଉଜଣେ ଟ୍ରାଫିକ ପୋଲିସ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେ ହେଲେ ଭୁବନେଶ୍ୱରରେ କାର୍ଯ୍ୟରତ ମହିଳା ଟ୍ରାଫିକ କନ୍‌ଷ୍ଟେବଲ ପ୍ରିୟଙ୍କା ବରୁଆ। ପ୍ରିୟଙ୍କା ଦୁର୍ଘଟଣାରେ ଆହତ ଜଣେ ମହିଳାଙ୍କ ଗୋଡ଼ରେ ବ୍ୟାଣ୍ଡେଜ୍ କରି ଚର୍ଚ୍ଚାକୁ ଆସିଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶଂସାର ସୁଅ ଛୁଟୁଛି। ସୂଚନାନୁସାରେ, ପ୍ରିୟଙ୍କା ଭୁବନେଶ୍ୱରସ୍ଥିତ ଜାଭିୟର ଛକ ଟ୍ରାଫିକ ପୋଷ୍ଟରେ ଡ୍ୟୁଟି କରୁଥିଲେ। ଏହି ସମୟରେ ମହିଳା ଜଣକ ସ୍କୁଟିରେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାଦେଖି ସେଠାରେ କାର୍ଯ୍ୟରତ ପ୍ରିୟଙ୍କା ତାଙ୍କୁ ଉଦ୍ଧାର କରି ରାସ୍ତା ପାର୍ଶ୍ୱ ଡିଭାଇଡରରେ ବସାଇ ତୁରନ୍ତ ପ୍ରାଥମିକ ଚିକିତ୍ସା କରିଥିଲେ। ମହିଳାଙ୍କ ଗୋଡ଼ ଖଣ୍ଡିଆ ହୋଇ ରକ୍ତ ବାହାରୁଥିବାରୁ ବ୍ୟାଣ୍ଡେଜ୍ କରିଥିଲେ। ପ୍ରିୟଙ୍କାଙ୍କ ଏହି ମାନବିକତା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ତାଙ୍କୁ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ ରାଜଧାନୀର ବ୍ୟସ୍ତ ବହୁଳ ଏୟାରପୋର୍ଟ ଟ୍ରାଫିକ ଛକରେ ଜଣେ ଟମାଟୋ ବେପାରୀଙ୍କୁ ସହାୟତା କରି ଟ୍ରାଫିକ ପୋଲିସ ସନ୍ଦିସ ଜେନା ଓ ରାକେଶ ବାରିକ ମାନବିକତା ଦେଖାଇଥିଲେ। ଟ୍ରାଫିକ୍ ପରିଚାଳନା କରିବା ସହ ଟମାଟୋ ଗୋଟାଇ ଚର୍ଚ୍ଚାକୁ ଆସିଥିଲେ। ସେହିଭଳି କଟକ ଶିଖରପୁର ଛକରେ ଜଣେ ଟ୍ରାଫିକ ପୋଲିସ ଲଳିତ ମୋହନ ରାଉତରାୟ ରାସ୍ତା ଝାଡୁ କରି ପ୍ରଶଂସା ସାଉଣ୍ଟିଥିଲେ।

**ଉଦାହରଣ ସାଜିଲେ ମହିଳା ଟ୍ରାଫିକ କନ୍‌ଷ୍ଟେବଲ**

## ୧୬ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

କୋଭିଡ୍ ମହାମାରୀ ସମୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁସ୍ତକ ପ୍ରକାଶନ କାର୍ଯ୍ୟ ଅବ୍ୟାହତ ରହିଛି। ଗୁରୁବାର ଏକାଡ଼େମୀ ପକ୍ଷରୁ ତୃତୀୟ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ 'ସ୍ତୁତି ଚିନ୍ତାମଣି', 'ରୁଦ୍ର ସୁଧାନିଧି', 'ଋତୁସଂହାର', 'ଉତ୍କଳ ଭ୍ରମଣ ବୃତ୍ତାନ୍ତ', 'ସଂଗ୍ରାମ ସ୍ରଷ୍ଟା ସୁରେନ୍ଦ୍ରନାଥ ଦ୍ୱିବେଦୀ', 'ଉତ୍ତର ଫାଲ୍‌ଗୁନ', 'ଉତ୍ତର ଓଡ଼ିଶାର ଲୋକ ସାହିତ୍ୟ', 'କାବ୍ୟମିମାଂଶା', 'କୋଣାର୍କ', 'ରାମାୟଣ ହରିବଂଶ', 'ଗୌରୀଶଙ୍କର ରାୟ'ସମତେ ମୋଟ୍ ୧୬ ପୁସ୍ତକ ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଯୋଗ ଦେଇଥିଲେ। ଏହା ପୂର୍ବରୁ ଜୁଲାଇ ୨୫ରେ ୧୮ ଖଣ୍ଡ ଓ ଅକ୍ଟୋବର ୨ରେ ୪ ଖଣ୍ଡ ପୁସ୍ତକ ଉନ୍ମୋଚିତ ହୋଇଥିଲା।



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ ଗୁରୁବାର ଆୟୋଜିତ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ଜନଶୁଣାଣିକୁ ବିରୋଧ ପାଇଁ ୩ ପଞ୍ଚାୟତବାସୀ ଏକାଠି

କୋରାପୁଟ, ୧୯।୧୧(ସ୍ୱ.ପ୍ର.)

କୋଡିଙ୍ଗାମାଳି ବକ୍ସାଇଟ ଖଣିଖନନ ଓ ଉତ୍ପାଦନ ବୃଦ୍ଧି ଲାଗି ଓଡିଶା ଖଣି ନିଗମ ୨୫ରେ ରାୟଗଡା ଜିଲାର କାଶୀପୁର ବ୍ଲକର କଂସାରିଗୁଡାଠାରେ ଏବଂ କୋରାପୁଟ ଜିଲାର ଲକ୍ଷ୍ମୀପୁର ବ୍ଲକର ଓଡିଆପେଣ୍ଠଠାରେ ଡିସେମ୍ବର ୨ରେ ଜନଶୁଣାଣି କରିବାକୁ ଦିନ ଧାର୍ଯ୍ୟ କରିଛି। ମାତ୍ର ଏହାପୂର୍ବରୁ ୨ ଜିଲାର ଓଡିଆପେଣ୍ଠ, ପୋଡାପାଡି, ବାଙ୍କାମ ପଞ୍ଚାୟତର ଶତାଧିକ ଲୋକ ଏକାଠି ହୋଇ କଂସାରିଗୁଡାଠାରେ ରତ୍ନ ଚୌଧୁରୀଙ୍କ ଅଧକ୍ଷତାରେ ଗୁରୁବାର ଏକ ବୈଠକ କରିଛନ୍ତି। ଆସନ୍ତା ୨୫ ଓ ୨ ତାରିଖର ଜନଶୁଣାଣିକୁ ବିରୋଧ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଯେ ପର୍ଯ୍ୟନ୍ତ କଂସାରିଗୁଡାଠାରେ କାରକାଖାନା ପ୍ରତିଷ୍ଠା କରାଯାଇ ନାହିଁ ସେ ପର୍ଯ୍ୟନ୍ତ କୌଣସି ଜନଶୁଣାଣି କି ବୈଠକ କରାଇଦେବୁ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ଏହା ପରେ ଯଦି ଓଡିଶା ଖଣି ନିଗମ ଜନଶୁଣାଣି କରେ ତାହେଲେ ଅପ୍ରୀତିକର ପରିସ୍ଥିତି ଉପୁଜିଲେ ସେଥିପାଇଁ ଜିଲା ପ୍ରଶାସନ, ଓଡିଶା ଖଣି ନିଗମ ଏବଂ ରାଜ୍ୟ ସରକାର ଦାୟୀ ରହିବେ ବୋଲି ୩ ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଜନଶୁଣାଣି ତାରିଖ ଗଲା ପରେ ଡିସେମ୍ବର ୩ରେ ସିଙ୍ଗାରାମ ଷ୍ଟେସନରେ ରେଳ ରୋକୋ କରାଯିବ। କୋରାପୁଟ ଜିଲା ପ୍ରଶାସନଠାରେ କୋଡିଙ୍ଗାମାଳୀ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ପକ୍ଷରୁ କୁମୋ ହାଲବା, ବିନୁ ମାଣ୍ଡିଙ୍ଗା, ଅଗସ୍ଥି ହାଲବା, ଜେ. ହିକକା ପ୍ରମୁଖ ଏହାକୁ ବିରୋଧ କରି ତୁରନ୍ତ ବାତିଲ କରିବା ପାଇଁ ଦାବି କରି ଜିଲାପାଳ ମଧୁସୁଧନ ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପତ୍ରର ନକଲ ଏସପି, ସ୍ଥାନୀୟ ତହସିଲଦାର, ବିଡିଓ, ଏସଡିପିଓ ରାୟଗଡା ଏବଂ ଓଏମସି ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଛି।

## ଆଦିବାସୀ ବୃଦ୍ଧଙ୍କ ନାମରେ ସାଢ଼େ ୧୦ କୋଟି ଜିଏସ୍‌ଟି ଠକେଇ ନୋଟିସ୍

ବିନିକା,୧୯।୧୧(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅଞ୍ଚଳର ଜଣେ ଗରିବ ଆଦିବାସୀ ବୃଦ୍ଧଙ୍କ ନାମରେ ୧୦ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଅଭିଯୋଗ ହୋଇଛି। ବ୍ୟକ୍ତି ଜଣକ ହେଲେ ସିଂଘିଯୁବା ଗ୍ରାମ ଇନ୍ଦ୍ରା କଲୋନୀପଡାର ବାସିନ୍ଦା ଭଗବାନ ଧରୁଆ (୬୮) । ଏନେଇ ସିଟି ଆଣ୍ଡ ଜିଏସ୍‌ଟି ଏନଫୋର୍ସମେଣ୍ଟ ୟୁନିଟ୍ ବଲାଙ୍ଗୀର ପକ୍ଷରୁ ବୁଧବାର ଅପରାହ୍ନ ୫ଟାରେ ଭଗବାନଙ୍କୁ (ନଂ-୨୯୭/ସିଟି ଓ ଜିଏସ୍‌ଟି ତା୧୮।୧୧।୨୦ରିଖ) ନୋଟିସ ଦିଆଯାଇଛି । ଏଥିସହ ଏକ ୪ଜଣିଆ ଟିମ୍ ତାଙ୍କ ଘରେ ପହଞ୍ଚି ପଚରାଉଚୁରା କରିଛି । ଉକ୍ତ ନୋଟିସରେ ଦର୍ଶାଯାଇଛି ଯେ, ସିଂଘିଯୁବା ଗ୍ରାମର ଭଗବାନଙ୍କ ମାଲିକାନାରେ କଟକଠାରେ କାଲେଶ୍ୱର ଷ୍ଟିଲ ନାମକ ଏକ କମ୍ପାନୀ ରହିଛି । ଜିଏସ୍‌ଟି ନମ୍ବର ସହ ଭଗବାନଙ୍କ ଠିକଣା ଓ ମୋବାଇଲ ନମ୍ବର ରହିଛି। ନୋଟିସ୍ ମାଧ୍ୟମରେ ତାଙ୍କୁ କମ୍ପାନୀର ଜିଏସ୍‌ଟି ଭରଣା ପାଇଁ ସମସ୍ତ ବିବରଣୀ ଏବଂ କାଗଜପତ୍ର ଦାଖଲ କରିବାକୁ ସୂଚନା ଦିଆଯାଇଛି। ଏଥିସହିତ ସମସ୍ତ ପ୍ରମାଣ ପତ୍ର ଏବଂ କମ୍ପାନୀ ପକ୍ଷରୁ ବିକ୍ରି ଓ କ୍ରୟ ହୋଇଥିବା ସାଢେ ୧୦କୋଟି ଟଙ୍କାର ସେବାକର ପ୍ରଦାନ କରିବାକୁ ନିର୍ଦ୍ଦେଶ ହୋଇଛି। ନଚେତ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ନୋଟିସରେ ସୂଚାଇ ଦିଆଯାଇଛି । ମାତ୍ର ୪ ଜଣିଆ ଟିମ୍‌କୁ ଭଗବାନ କହିଛନ୍ତି, ଆମେ ଅତ୍ୟନ୍ତ ଗରିବ। ଭଙ୍ଗା ଦଦରା ଚାଳଛପର ଘରେ ପରିବାର ସହ ରହୁଛି। ଘରେ ୨ପୁଅ, ଝିଅ ଓ ସ୍ତ୍ରୀ ରହୁଛନ୍ତି। ମୂଲ ଲାଗିଲେ ଚୁଲି ଜଳେ। ଏମିତି ରେ ସାଢେ ୧୦କୋଟି ଟଙ୍କା ଆମ ପାଇଁ ସ୍ୱପ୍ନ ବୋଲି କହିଥିଲେ। ପରେ ଟିମ୍‌ର ସଦସ୍ୟମାନେ ନିଜ ଡକ୍ୟୁମେଣ୍ଟ ପୂର୍ବରୁ କାହାକୁ ଦେଇଛ କି ବୋଲି ପଚାରିଥିଲେ । ଏହା ଶୁଣି ଭଗବାନଙ୍କ ସାନ ପୁଅ ସଦାନନ୍ଦ ଧରୁଆ(୨୬) ଦେଣ୍ଡୁପଦର ଗାଁର ଜଣେ ସ୍କୁଲ ସାଙ୍ଗଙ୍କୁ ତାଙ୍କ ବାପାଙ୍କ ଡକ୍ୟୁମେଣ୍ଟ ଦେଇଥିବା କହିଥିଲେ । ୪ ଜଣିଆ ଟିମ୍ କାହିଁକି ଡକ୍ୟୁମେଣ୍ଟ ଦେଲ ଏବଂ କ'ଣ ସବୁ ଦେଇଥିଲ ବୋଲି ପଚାରିବାରୁ ସଦାନନ୍ଦ କହିଥିଲେ ସାଙ୍ଗ ଜଣକ ମୋର ବାପାଙ୍କ ବ୍ୟାଙ୍କ ଖାତାରେ କୌଣସି ବାବଦରେ ୩ ହଜାର ଟଙ୍କା ଜମା ହେବ କହି ବାପାଙ୍କର ଆଧାର କାର୍ଡ ,ପ୍ୟାନ୍‌କାର୍ଡ ଏବଂ ୨ ପାସ୍‌ପୋର୍ଟ ସାଇଜ୍ ଫଟୋ ନେଇଥିଲେ । ଏହା ଶୁଣିଲା ପରେ ଟିମ୍‌ର ସଦସ୍ୟମାନେ ନୋଟିସ ଅନୁଯାୟୀ ତୁରନ୍ତ ଆବଶ୍ୟକ କାଗଜପତ୍ର ଦାଖଲ କରିବାକୁ କହି ଫେରି ଯାଇଥିଲେ । ଗୁରୁବାର ସଦାନନ୍ଦ ବିନିକା ଥାନାକୁ ଯାଇ ତାଙ୍କ ବାପାଙ୍କ ନାମରେ ମିଥ୍ୟା ଜିଏସଟି ଠକେଇ ଅଭିଯୋଗ ହୋଇଥିବା ଦର୍ଶାଇଛନ୍ତି ।

**ପୋଲିସ ହେପାଜତରେ ମୃତ୍ୟୁ ଘଟଣା**

# 'ମୃତଦେହ ଲୁଟାଇ ଦାହ କରିଛି ପୋଲିସ'

**ପୁରୀ ବାସେଳି ସାହି ଥାନା ହାଜତରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଗୁରୁବାର ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ପରିବାରବର୍ଗ ଏବଂ ଅଞ୍ଚଳବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଭାଜପା ଏବଂ କଂଗ୍ରେସ ଦଳ ସମେତ ବିଭିନ୍ନ ଅନୁଷ୍ଠାନ ମଧ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଧାରଣା ଦେଇଥିଲେ। ଅପରପକ୍ଷେ ପୋଲିସ ମାଡ଼ରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି। ଏନ୍‌ଏଚ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଏହି ଘଟଣାର ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ସିଂ ପ୍ରକାଶ କରିଛନ୍ତି। ତେବେ ପୋଲିସର କିଛି କାର୍ଯ୍ୟାନୁଷ୍ଠାନ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।**

ପୁରୀ ଅଫିସ:

କେ. ରମେଶ ଦାସଙ୍କ ମୃତ୍ୟୁ ଘଟଣାରେ ସମ୍ପର୍କୀୟମାନେ ଭିନ୍ନ କଥା କହିଛନ୍ତି। ରମେଶଙ୍କ ମା', ବାପାଙ୍କୁ ପୋଲିସ ସହର ବାହାରର ଏକ ଥାନାକୁ ନେଇ ସେଠାରେ ଅଟକ ରଖିଛି। ୭ଦିନ ପୂର୍ବରୁ ପୋଲିସ ରମେଶଙ୍କୁ ଘରୁ ଉଠାଇ ନେଇ ଥାନାରେ ରଖି ବାଡ଼ିଆପିଟା କରିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ସମ୍ପର୍କୀୟମାନେ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। କିନ୍ତୁ ଏହି ଅଭିଯୋଗକୁ ଏସ୍‌ପି ଅସ୍ୱୀକାର କରିଛନ୍ତି। ଏସ୍‌ପି କହିଛନ୍ତି, ବୁଧବାର ରମେଶଙ୍କ ସହ ଏହି ଘଟଣା ଘଟିଛି। ତାଙ୍କ ମା', ବାପାଙ୍କୁ ପୋଲିସ କେଉଁଠି ନେଇ ଅଟକ ରଖିନାହିଁ। ଏପରିକି ରମେଶଙ୍କ ବାପା ମୃତଦେହ ପଞ୍ଚନାମା ସମୟରେ ଉପସ୍ଥିତ ଥିଲେ ଏବଂ ପଞ୍ଚନାମା କାଗଜରେ ଦସ୍ତଖତ କରିଛନ୍ତି। ତାଙ୍କର ଭିଡିଓ ମଧ୍ୟ ରେକର୍ଡିଂ କରାଯାଇଛି ବୋଲି କହିଛନ୍ତି। ଅପରପକ୍ଷରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ନ କରି ପୋଲିସ ବ୍ୟବଚ୍ଛେଦ ପରେ ତରବରିଆ ଭାବେ ହସ୍ପିଟାଲ ପଛପାର୍ଶ୍ୱ ରାସ୍ତା ଦେଇ ସ୍ୱର୍ଗଦ୍ୱାରରେ ଦାହ କରିଦେଇଛି ବୋଲି ରମେଶଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସମ୍ପର୍କୀୟ ଏବଂ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହ ପୋଲିସର ଏଭଳି କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି।

### ହସ୍ପିଟାଲ ସମ୍ମୁଖରେ ଧସ୍ତାଧସ୍ତି

ମୃତଦେହ ହସ୍ପିଟାଲରେ ଥିବାବେଳେ ପୂର୍ବାହ୍ନରେ ମୃତକଙ୍କ ସମ୍ପର୍କୀୟ, ଆଇନଜୀବୀ, ଭାଜପା ଏବଂ କଂଗ୍ରେସ କର୍ମୀ ପହଞ୍ଚିଥିଲେ। ରମେଶଙ୍କ ସମ୍ପର୍କୀୟ ଓ ଭାଜପା କର୍ମୀ ଶବ ବ୍ୟବଚ୍ଛେଦ ଗୃହକୁ ଯିବା ପାଇଁ ଜିଦ୍ ଧରିଥିଲେ। କେଉଁ ପରିସ୍ଥିତିରେ ଓ କେମିତି ତାଙ୍କର ମୃତ୍ୟୁ ହୋଇଛି ତାହା ଜାଣିବାକୁ ଚାହିଁଥିଲେ। ହେଲେ ପୋଲିସ କାହାକୁ ଭିତରକୁ ଛାଡ଼ି ନ ଥିଲା। ଫଳରେ ଏହାକୁ ନେଇ ପୋଲିସ ସହ ଭାଜପା କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା।

### କଂଗ୍ରେସ ଓ ଭାଜପାର ଧାରଣା

ଏହି ଘଟଣାକୁ ନେଇ କଂଗ୍ରେସ ଓ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ଆଗରେ ଉଭୟ ଦଳ ମୃତକଙ୍କ ସମ୍ପର୍କୀୟଙ୍କୁ ଧରି ଧାରଣା ଦେଇଥିଲେ। ସମ୍ପର୍କୀୟଙ୍କୁ ମୃତଦେହ ଦେଖାଇବା ପାଇଁ ଦାବି କରିଥିଲେ। ପରେ ଆନ୍ଦୋଳନକାରୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ କରିଥିଲେ। ଭାଜପା ଓ କଂଗ୍ରେସ କର୍ମୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। କଂଗ୍ରେସ ନେତା ବିନାୟକ ଦାସମହାପାତ୍ର କହିଛନ୍ତି କେ.ରମେଶଙ୍କ ମୃତ୍ୟୁକୁ ନେଇ ଖବରଦାତା ସମ୍ମିଳନୀରେ ଏସ୍‌ପି ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଯଦି କେହି କିଛି ଅପରାଧ କରୁଛନ୍ତି ତେବେ ତାଙ୍କୁ ଦଣ୍ଡ ଦେବା ଲାଗି ନ୍ୟାୟ ବ୍ୟବସ୍ଥା ରହିଛି। ମାଡ଼ ମାରିବାର ଅଧିକାର ପୋଲିସକୁ କିଏ ଦେଲା ? ଥାନାଗୁଡ଼ିକରେ ଅଭିଯୋଗକାରୀଙ୍କ ପ୍ରତି ଉଚିତ୍ ବ୍ୟବହାର ହେଉନାହିଁ, ଦୁର୍ନୀତିରେ ଥାନା ବୁଡ଼ିରହିଥିବା ବେଳେ ପୋଲିସ ଆଗ ନିଜକୁ ସୁଧାରୁ ବୋଲି ଦାସମହାପାତ୍ର କହିଛନ୍ତି। ସନ୍ଧ୍ୟାରେ ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜଙ୍କ ନେତୃତ୍ୱରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।



ମୃତକ କେ. ରମେଶଙ୍କ ସମ୍ପର୍କୀୟଙ୍କ ସହ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।

### ଆଇଆଇସିଙ୍କ ବିରୋଧରେ ଏତଲା, ବହିଷ୍କାର ଦାବି

ଏହି ଘଟଣାରେ ଓଡ଼ିଶା ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି ସଚେତନ ନାଗରିକ ମଞ୍ଚ। ଗୁରୁବାର ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କମିଶନଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ଉକ୍ତ ଘଟଣାରେ ବାସେଳି ସାହି ଥାନାଧିକାରୀଙ୍କ ସମ୍ପୃକ୍ତି ଥିବାରୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ। ମୃତକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏହି କ୍ଷତିପୂରଣ ରାଶି ଥାନାଧିକାରୀଙ୍କ ଦରମାରୁ କଟାଯାଉ। ଏହାର ନିରପେକ୍ଷ ତଦନ୍ତ ଲାଗି ଜିଲା ବାହାର ଏବଂ ପୋଲିସ ବିଭାଗ ବ୍ୟତୀତ ଅନ୍ୟ ଉଚ୍ଚ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ଥାନାଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ପାଇଁ ମଞ୍ଚ କମିଶନଙ୍କୁ ଅନୁରୋଧ କରିଛି। ସେହିପରି ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା ବାସେଳିସାହି ଥାନାରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ ଏତଲା ଦେଇଛନ୍ତି। କିନ୍ତୁ ଏ ସମ୍ପର୍କରେ ଥାନା ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳିନାହିଁ।

**ବିଧି ରକ୍ଷାର ସୁଯୋଗ ମିଳିଲାନି**

ତେଲୁଗୁ ସମ୍ପ୍ରଦାୟର ଯୁବକ ହେଉଛନ୍ତି କେ.ରମେଶ। ପୋଲିସ ହେପାଜତରେ ତାଙ୍କର ମୃତ୍ୟୁ ହୋଇଥିଲେ ହେଁ ଶେଷକୃତ୍ୟ ସମ୍ପନ୍ନ ପାଇଁ ପରିଜନଙ୍କୁ ସୁଯୋଗ ଦେଲାନି ପୋଲିସ। ତେଲୁଗୁ ସମ୍ପ୍ରଦାୟର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାଙ୍କ ଶେଷକୃତ୍ୟ ପୂର୍ବରୁ କେତେକ ସ୍ୱତନ୍ତ୍ର ବିଧି ପାଳନ କରାଯାଏ। କିନ୍ତୁ ବ୍ୟବଚ୍ଛେଦ ପରେ ରମେଶଙ୍କ ମୃତଦେହକୁ ପୋଲିସ ଲୁଚାଇ ନେଇ ସ୍ୱର୍ଗଦ୍ୱାରରେ ଦାହ କରିଦେଇଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଫଳରେ ଶେଷକୃତ୍ୟ ପୂର୍ବରୁ ବିଧି ପାଳନ ସମ୍ଭବ ହେଲା ନାହିଁ ବୋଲି ସେମାନେ କହିଛନ୍ତି।

## ବାଘ ଛାଲ ଜବତ ଘଟଣା: ରିମାଣ୍ଡରେ ଅଭିଯୁକ୍ତ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ବରମୁଣ୍ଡା ଅଞ୍ଚଳରୁ ବାଘଛାଲ ଜବତ ଘଟଣାରେ ଅଭିଯୁକ୍ତ ପ୍ରଶାନ୍ତ ନାୟକଙ୍କୁ ରିମାଣ୍ଡରେ ନେଇଛି ଏସ୍‌ଟିଏଫ୍। ପ୍ରଶାନ୍ତଙ୍କୁ ତିନିଦିନିଆ ରିମାଣ୍ଡରେ ନେବାକୁ ଏସ୍‌ଟିଏଫ୍ କୋର୍ଟରେ ଆବେଦନ କରିଥିବାବେଳେ କୋର୍ଟ ୨ଦିନ ପାଇଁ ଅନୁମତି ପ୍ରଦାନ କରିଛନ୍ତି। ପ୍ରଶାନ୍ତ ବାଘ ଛାଲ କେଉଁଠୁ ଆଣିଲା, କାହାକୁ ବିକ୍ରି କରୁଥିଲା, ଆଉ କାହା ସହ ତାଙ୍କର ଲିଙ୍କ୍ ରହିଛି ସେନେଇ ଅଧିକ ଜାଣିବା ପାଇଁ ଏସ୍‌ଟିଏଫ୍ ତାଙ୍କୁ ରିମାଣ୍ଡରେ ଆଣିଛି। ସୋମବାର ପ୍ରଶାନ୍ତଙ୍କୁ ଗିରଫ କରାଯିବା ସହ ବାଘଛାଲ ଜବତ ହୋଇଥିଲା।

**ସଂକ୍ଷେପରେ**

## ଟ୍ରାଫିକ ଡିସିପିଙ୍କୁ ପଞ୍ଜାବ କ୍ୟାଡର ମଞ୍ଜୁରୀ ମିଳିଲା

ଭୁବନେଶ୍ୱର,୧୯।୧୧(ବ୍ୟୁରୋ): ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ତଥା ଭୁବନେଶ୍ୱର ଟ୍ରାଫିକ ଡିସିପି ସୌମ୍ୟା ମିଶ୍ର ପଞ୍ଜାବ କ୍ୟାଡରକୁ ଫେରିବେ। କ୍ୟାଡର ପରିବର୍ତ୍ତନ ପାଇଁ ସେ କରିଥିବା ଆବେଦନକୁ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରାଳୟ ମଞ୍ଜୁରୀ ଦେଇଛନ୍ତି। ପୂର୍ବରୁ ରାଜ୍ୟ ସରକାର ସୌମ୍ୟାଙ୍କ ଆବେଦନକୁ ମଞ୍ଜୁରୀ ଦେଇଥିଲେ। ୨୦୧୪ ବ୍ୟାଚ୍‌ର ଓଡ଼ିଶା କ୍ୟାଡରର ଆଇପିଏସ୍ ଅଫିସର ସୌମ୍ୟା ହେଉଛନ୍ତି ଉତ୍ତରପ୍ରଦେଶର ବାସିନ୍ଦା। ସ୍ୱାମୀ ଦୀପକ ପାରିକ ପଞ୍ଜାବ କ୍ୟାଡରର ଆଇପିଏସ୍ ଅଫିସର। ସେ ଏବେ ପଞ୍ଜାବ ଲୁଧିଆନାର ଅତିରିକ୍ତ ଡିସିପି ଭାବରେ କାର୍ଯ୍ୟରତଥିବାରୁ ସୌମ୍ୟା ପଞ୍ଜାବ କ୍ୟାଡର ପରିବର୍ତ୍ତନ କରିବାକୁ ଆବେଦନ କରିଥିଲେ। ଏବେ ମଞ୍ଜୁରୀ ମିଳିଥିବାରୁ ସେ ପଞ୍ଜାବ ଚାଲିଯିବେ।

# ଗରିବ ହୃଦ୍‌ରୋଗୀ ଶିଶୁଙ୍କୁ ମାଗଣା ଚିକିତ୍ସା ଜାରି ରହିବ

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

ଗରିବ ହୃଦ୍‌ରୋଗୀ ଶିଶୁଙ୍କୁ ରାଜ୍ୟ ସରକାର ମାଗଣା ଚିକିତ୍ସା ଯୋଗାଇ ଦେଉଛନ୍ତି। ଏହି ସୁବିଧା ଜାରି ରଖିବା ପାଇଁ ଗୁରୁବାର ଓଡ଼ିଶା ସରକାର ପ୍ରଶାନ୍ତି ମେଡିକାଲ ସର୍ଭିସେସ୍ ଆଣ୍ଡ୍ ରିସର୍ଚ୍ଚ ସେଣ୍ଟର(ପିଏମ୍‌ଏସ୍‌ଆର୍‌ଏଫ୍) ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏହି ଏମ୍‌ଓୟୁ ଅନୁଯାୟୀ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ଅହମ୍ମଦାବାଦସ୍ଥିତ ସତ୍ୟ ସାଇ ହାର୍ଟ ହସ୍ପିଟାଲରେ ରାଜ୍ୟର ଗରିବ ଶିଶୁମାନଙ୍କର ମାଗଣାରେ ହୃଦ୍‌ରୋଗ ଚିକିତ୍ସା କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବିନିତ ସରନ୍, ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ୍ ଏବଂ ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ କଲ୍ପେଶ ଜାଭେରି, ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷର କରାଯାଇଛି।

୨୦୧୮ ନଭେମ୍ବରରେ ଏହି ହସ୍ପିଟାଲ ହୃଦ୍‌ରୋଗ ସମସ୍ୟା ଥିବା ଓଡ଼ିଶାର ଶିଶୁଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇଦେବା ନେଇ ଘୋଷଣା କରିଥିଲା। ସେତେବେଳର ଚୁକ୍ତି ମୁତାବକ ଶିଶୁଙ୍କୁ ଚିହ୍ନଟ କରିବା ସହ ସେମାନଙ୍କ ପରିବହନ ଖର୍ଚ୍ଚ ସରକାର ବହନ କରୁଛନ୍ତି। ହସ୍ପିଟାଲରେ ସମସ୍ତ ସେବା ମାଗଣାରେ ପ୍ରଦାନ କରାଯାଉଛି। ଏବେସୁଦ୍ଧା ୧୦୧୯ ଶିଶୁ ଚିକିତ୍ସିତ ହୋଇ ସୁସ୍ଥ ଅବସ୍ଥାରେ ଘରକୁ ଫେରିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଦ୍ୱିତୀୟଥର

**ଆଉ ଦୁଇବର୍ଷ ପାଇଁ ଏମ୍‌ଓୟୁ ନବୀକରଣ କଲେ ରାଜ୍ୟ ସରକାର**

ପାଇଁ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। କୋଭିଡ୍ ପରିସ୍ଥିତି ପାଇଁ କିଛିଦିନ ଲାଗି ଏହି ଚିକିତ୍ସା ସୁବିଧା ବନ୍ଦ ଥିବାବେଳେ ଏବେ ପୁଣିଥରେ ପିଲାମାନଙ୍କୁ ପଠାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟ ସମ୍ବନ୍ଧିତ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ବିଶେଷକରି ଗରିବ ଓ ଅସହାୟ ଲୋକଙ୍କ ସ୍ୱାସ୍ଥ୍ୟକଥା ବୁଝିବାକୁ ସରକାର ସବୁବେଳେ ପ୍ରଚେଷ୍ଟାରତ। ସେମାନଙ୍କୁ ମାଗଣାରେ କାର୍ଡିଆକ୍ ଚିକିତ୍ସା ଯୋଗାଇଦେଇ ଏକ ନୂତନ ଜୀବନ ପ୍ରଦାନ କରିବା ଖୁସିର ବିଷୟ। ଏଥିପାଇଁ ସେ ପିଏମ୍‌ଏସ୍‌ଆର୍‌ଏଫ୍‌କୁ କୃତଜ୍ଞତା ଜଣାଇବା ସହ ଏହି ଚିକିତ୍ସା ସେବାର ଆବଶ୍ୟକତାକୁ ଉପଲବ୍ଧି କରି ରାଜ୍ୟ ସରକାର ପୁଣିଥରେ ଏମ୍‌ଓୟୁର ନବୀକରଣ କରିଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ଉନ୍ନୟନ କମିଶନର ସୁରେଶ ମହାପାତ୍ର, ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଭି.କେ. ପାଣ୍ଡିଆନ୍, ସତ୍ୟ ସାଇ ହାର୍ଟ ହସ୍ପିଟାଲର ପରିଚାଳନା ଟ୍ରଷ୍ଟି ମନୋଜ ଭିମାନୀ, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଏନ୍‌ଏଚ୍‌ଏମ୍ ଏମ୍‌ଡି ଶାଳିନୀ ପଣ୍ଡିତ ପ୍ରମୁଖ ଯୋଗଦେଇଥିଲେ।

## ଦୁର୍ଘଟଣାରେ ଆହତ ମହିଳାଙ୍କ ଚିକିତ୍ସା କଲେ ପ୍ରିୟଙ୍କା


ଆହତ ମହିଳାଙ୍କ ଗୋଡ଼ରେ ବ୍ୟାଣ୍ଡେଜ କରୁଛନ୍ତି ପ୍ରିୟଙ୍କା।

ଭୁବନେଶ୍ୱର,୧୯।୧୧(ବ୍ୟୁରୋ)

କର୍ତ୍ତବ୍ୟ ସହ ମାନବିକତା ଦେଖାଇ ଆଉଜଣେ ଟ୍ରାଫିକ ପୋଲିସ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ସେ ହେଲେ ଭୁବନେଶ୍ୱରରେ କାର୍ଯ୍ୟରତ ମହିଳା ଟ୍ରାଫିକ କନ୍‌ଷ୍ଟେବଲ ପ୍ରିୟଙ୍କା ବରୁଆ। ପ୍ରିୟଙ୍କା ଦୁର୍ଘଟଣାରେ ଆହତ ଜଣେ ମହିଳାଙ୍କ ଗୋଡ଼ରେ ବ୍ୟାଣ୍ଡେଜ୍ କରି ଚର୍ଚ୍ଚାକୁ ଆସିଛନ୍ତି। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପ୍ରଶଂସାର ସୁଅ ଛୁଟୁଛି। ସୂଚନାନୁସାରେ, ପ୍ରିୟଙ୍କା ଭୁବନେଶ୍ୱରସ୍ଥିତ ଜାଭିୟର ଛକ ଟ୍ରାଫିକ ପୋଷ୍ଟରେ ଡ୍ୟୁଟି କରୁଥିଲେ। ଏହି ସମୟରେ ମହିଳା ଜଣକ ସ୍କୁଟିରେ ଯାଉଥିବାବେଳେ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହୋଇଥିଲେ। ଏହାଦେଖି ସେଠାରେ କାର୍ଯ୍ୟରତ ପ୍ରିୟଙ୍କା ତାଙ୍କୁ ଉଦ୍ଧାର କରି ରାସ୍ତା ପାର୍ଶ୍ୱ ଡିଭାଇଡରରେ ବସାଇ ତୁରନ୍ତ ପ୍ରାଥମିକ

**ଉଦାହରଣ ସାଜିଲେ ମହିଳା ଟ୍ରାଫିକ କନ୍‌ଷ୍ଟେବଲ**

ଚିକିତ୍ସା କରିଥିଲେ। ମହିଳାଙ୍କ ଗୋଡ଼ ଖଣ୍ଡିଆ ହୋଇ ରକ୍ତ ବାହାରୁଥିବାରୁ ବ୍ୟାଣ୍ଡେଜ୍ କରିଥିଲେ। ପ୍ରିୟଙ୍କାଙ୍କ ଏହି ମାନବିକତା ପାଇଁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ତାଙ୍କୁ ପ୍ରଶଂସା କରିଛନ୍ତି। ଏହା ପୂର୍ବରୁ ରାଜଧାନୀର ବ୍ୟସ୍ତ ବହୁଳ ଏୟାରପୋର୍ଟ ଟ୍ରାଫିକ ଛକରେ ଜଣେ ଟମାଟୋ ବେପାରୀଙ୍କୁ ସହାୟତା କରି ଟ୍ରାଫିକ ପୋଲିସ ସନ୍ଦିସ ଜେନା ଓ ରାକେଶ ବାରିକ ମାନବିକତା ଦେଖାଇଥିଲେ। ଟ୍ରାଫିକ୍ ପରିଚାଳନା କରିବା ସହ ଟମାଟୋ ଗୋଟାଇ ଚର୍ଚ୍ଚାକୁ ଆସିଥିଲେ। ସେହିଭଳି କଟକ ଶିଖରପୁର ଛକରେ ଜଣେ ଟ୍ରାଫିକ ପୋଲିସ ଲଳିତ ମୋହନ ରାଉତରାୟ ରାସ୍ତା ଝାଡୁ କରି ପ୍ରଶଂସା ସାଉଣ୍ଟିଥିଲେ।

# ୧୬ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)

କୋଭିଡ୍ ମହାମାରୀ ସମୟରେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁସ୍ତକ ପ୍ରକାଶନ କାର୍ଯ୍ୟ ଅବ୍ୟାହତ ରହିଛି। ଗୁରୁବାର ଏକାଡ଼େମୀ ପକ୍ଷରୁ ତୃତୀୟ ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ 'ସ୍ତୁତି ଚିନ୍ତାମଣି', 'ରୁଦ୍ର ସୁଧାନିଧି', 'ଋତୁସଂହାର', 'ଉତ୍କଳ ଭ୍ରମଣ ବୃତ୍ତାନ୍ତ', 'ସଂଗ୍ରାମ ସ୍ରଷ୍ଟା ସୁରେନ୍ଦ୍ରନାଥ ଦ୍ୱିବେଦୀ', 'ଉତ୍ତର ଫାଲ୍‌ଗୁନ', 'ଉତ୍ତର ଓଡ଼ିଶାର ଲୋକ ସାହିତ୍ୟ', 'କାବ୍ୟମିମାଂଶା', 'କୋଣାର୍କ', 'ରାମାୟଣ ହରିବଂଶ', 'ଗୌରୀଶଙ୍କର ରାୟ'ସମେତ ମୋଟ୍ ୧୬ ପୁସ୍ତକ ଉନ୍ମୋଚିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଶିଷ୍ଟ ଅତିଥି ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ଯୋଗ ଦେଇଥିଲେ। ଏହା ପୂର୍ବରୁ ଜୁଲାଇ ୨୫ରେ ୧୮ ଖଣ୍ଡ ଓ ଅକ୍ଟୋବର ୨ରେ ୪ ଖଣ୍ଡ ପୁସ୍ତକ ଉନ୍ମୋଚିତ ହୋଇଥିଲା।


ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନରେ ଗୁରୁବାର ଆୟୋଜିତ ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ପୋଲିସ ହେପାଜତରେ ମୃତ୍ୟୁ ଘଟଣା**

# 'ମୃତଦେହ ଲୁଚାଇ ଦାହ କରିଛି ପୋଲିସ'

ପୁରୀ ବାସେଲି ସାହି ଥାନା ହାଜତରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଗୁରୁବାର ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ପୋଲିସ ମାଡ଼ରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ଆଣି ପରିବାରବର୍ଗ ଏବଂ ଅଞ୍ଚଳବାସୀ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଭାଜପା ଏବଂ କଂଗ୍ରେସ ଦଳ ସମେତ ବିଭିନ୍ନ ଅନୁଷ୍ଠାନ ମଧ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଧାରଣା ଦେଇଥିଲେ। ଅପରପକ୍ଷେ ପୋଲିସ ମାଡ଼ରେ ସମ୍ପୃକ୍ତ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି ଏସ୍‌ପି ଅଖିଳେଶ୍ୱର ସିଂ କହିଛନ୍ତି। ଏନ୍‌ଏଚ୍‌ଆର୍‌ସିଙ୍କ ଗାଇଡ୍‌ଲାଇନ ଅନୁଯାୟୀ ଏହି ଘଟଣାର ତଦନ୍ତ କରାଯିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଏସ୍‌ପି ସିଂ ପ୍ରକାଶ କରିଛନ୍ତି। ତେବେ ପୋଲିସର କିଛି କାର୍ଯ୍ୟାନୁଷ୍ଠାନ ସାଧାରଣ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।

ପୁରୀ ଅଫିସ, ୧୯।୧୧:

କେ. ରମେଶ ଦାସଙ୍କ ମୃତ୍ୟୁ ଘଟଣାରେ ସମ୍ପର୍କୀୟମାନେ ଭିନ୍ନ କଥା କହିଛନ୍ତି। ରମେଶଙ୍କ ମା', ବାପାଙ୍କୁ ପୋଲିସ ସହର ବାହାରର ଏକ ଥାନାକୁ ନେଇ ସେଠାରେ ଅଟକ ରଖିଛି। ୭ଦିନ ପୂର୍ବରୁ ପୋଲିସ ରମେଶଙ୍କୁ ଘରୁ ଉଠାଇ ନେଇ ଥାନାରେ ରଖି ବାଡ଼ିଆପିଟା କରିବାରୁ ତାଙ୍କର ମୃତ୍ୟୁ ଘଟିଛି ବୋଲି ସମ୍ପର୍କୀୟମାନେ ଗଣମାଧ୍ୟମ ସମ୍ମୁଖରେ ଅଭିଯୋଗ କରିଛନ୍ତି। କିନ୍ତୁ ଏହି ଅଭିଯୋଗକୁ ଏସ୍‌ପି ଅସ୍ୱୀକାର କରିଛନ୍ତି। ଏସ୍‌ପି କହିଛନ୍ତି, ବୁଧବାର ରମେଶଙ୍କ ସହ ଏହି ଘଟଣା ଘଟିଛି। ତାଙ୍କ ମା', ବାପାଙ୍କୁ ପୋଲିସ କେଉଁଠି ନେଇ ଅଟକ ରଖିନାହିଁ। ଏପରିକି ରମେଶଙ୍କ ବାପା ମୃତଦେହ ପଞ୍ଚନାମା ସମୟରେ ଉପସ୍ଥିତ ଥିଲେ ଏବଂ ପଞ୍ଚନାମା କାଗଜରେ ଦସ୍ତଖତ କରିଛନ୍ତି। ତାଙ୍କର ଭିଡିଓ ମଧ ରେକର୍ଡିଂ କରାଯାଇଛି ବୋଲି କହିଛନ୍ତି। ଅପରପକ୍ଷରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ନ କରି ପୋଲିସ ବ୍ୟବଚ୍ଛେଦ ପରେ ତରବରିଆ ଭାବେ ହସ୍ପିଟାଲ ପଛପାର୍ଶ୍ୱ ରାସ୍ତା ଦେଇ ସ୍ୱର୍ଗଦ୍ୱାରରେ ଦାହ କରିଦେଇଛି ବୋଲି ରମେଶଙ୍କ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଏହାକୁ ନେଇ ସମ୍ପର୍କୀୟ ଏବଂ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହ ପୋଲିସର ଏଭଳି କାର୍ଯ୍ୟକୁ ତୀବ୍ର ବିରୋଧ କରିଛନ୍ତି।

### ହସ୍ପିଟାଲ ସମ୍ମୁଖରେ ଧସ୍ତାଧସ୍ତି

ମୃତଦେହ ହସ୍ପିଟାଲରେ ଥିବାବେଳେ ପୂର୍ବାହ୍ନରେ ମୃତକଙ୍କ ସମ୍ପର୍କୀୟ, ଆଇନଜୀବୀ, ଭାଜପା ଏବଂ କଂଗ୍ରେସ କର୍ମୀ ପହଞ୍ଚିଥିଲେ। ରମେଶଙ୍କ ସମ୍ପର୍କୀୟ ଓ ଭାଜପା କର୍ମୀ ଶବ ବ୍ୟବଚ୍ଛେଦ ଗୃହକୁ ଯିବା ପାଇଁ ଜିଦ୍ ଧରିଥିଲେ। କେଉଁ ପରିସ୍ଥିତିରେ ଓ କେମିତି ତାଙ୍କର ମୃତ୍ୟୁ ହୋଇଛି ତାହା ଜାଣିବାକୁ ଚାହିଁଥିଲେ। ହେଲେ ପୋଲିସ କାହାକୁ ଭିତରକୁ ଛାଡ଼ି ନ ଥିଲା। ଫଳରେ ଏହାକୁ ନେଇ ପୋଲିସ ସହ ଭାଜପା କର୍ମୀଙ୍କର ଧସ୍ତାଧସ୍ତି ହୋଇଥିଲା।

### କଂଗ୍ରେସ ଓ ଭାଜପାର ଧାରଣା

ଏହି ଘଟଣାକୁ ନେଇ କଂଗ୍ରେସ ଓ ଭାଜପା ପକ୍ଷରୁ ଧାରଣା ଦିଆଯାଇଥିଲା। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ଆଗରେ ଉଭୟ ଦଳ ମୃତକଙ୍କ ସମ୍ପର୍କୀୟଙ୍କୁ ଧରି ଧାରଣା ଦେଇଥିଲେ। ସମ୍ପର୍କୀୟଙ୍କୁ ମୃତଦେହ ଦେଖାଇବା ପାଇଁ ଦାବି କରିଥିଲେ। ପରେ ଆନ୍ଦୋଳନକାରୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ବିକ୍ଷୋଭ କରିଥିଲେ। ଭାଜପା ଓ କଂଗ୍ରେସ କର୍ମୀମାନେ ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। କଂଗ୍ରେସ ନେତା ବିନାୟକ ଦାସମହାପାତ୍ର କହିଛନ୍ତି କେ.ରମେଶଙ୍କ ମୃତ୍ୟୁକୁ ନେଇ ଖବରଦାତା ସମ୍ମିଳନରେ ଏସ୍‌ପି ଯାହା କହିଛନ୍ତି ତାହା ସମ୍ପୂର୍ଣ୍ଣ ମିଥ୍ୟା। ଯଦି କେହି କିଛି ଅପରାଧ କରୁଛନ୍ତି ତେବେ ତାଙ୍କୁ ଦଣ୍ଡ ଦେବା ଲାଗି ନ୍ୟାୟ ବ୍ୟବସ୍ଥା ରହିଛି। ମାଡ଼ ମାରିବାର ଅଧିକାର ପୋଲିସକୁ କିଏ ଦେଲା? ଥାନାଗୁଡ଼ିକରେ ଅଭିଯୋଗକାରୀଙ୍କ ପ୍ରତି ଉଚିତ୍ ବ୍ୟବହାର ହେଉନାହିଁ, ଦୁର୍ନୀତିରେ ଥାନା ବୁଡ଼ିରହିଥିବା ବେଳେ ପୋଲିସ ଆଗ ନିଜକୁ ସୁଧାରୁ ବୋଲି ଦାସମହାପାତ୍ର କହିଛନ୍ତି। ସନ୍ଧ୍ୟାରେ ଜିଲା କଂଗ୍ରେସ ସଭାପତି ଅଜିତ ମଙ୍ଗରାଜଙ୍କ ନେତୃତ୍ୱରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା।

### ଆଇଆଇସିଙ୍କ ବିରୋଧରେ ଏତଲା, ବହିଷ୍କାର ଦାବି

ଏହି ଘଟଣାରେ ଓଡ଼ିଶା ରାଜ୍ୟ ମାନବ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି ସଚେତନ ନାଗରିକ ମଞ୍ଚ। ଗୁରୁବାର ମଞ୍ଚ ସଭାପତି ଆଇନଜୀବୀ ପ୍ରସନ୍ନ କୁମାର ଦାଶ କମିଶନଙ୍କୁ ଲେଖିଥିବା ପତ୍ରରେ ଦର୍ଶାଇଛନ୍ତି, ଉକ୍ତ ଘଟଣାରେ ବାସେଲି ସାହି ଥାନାଧିକାରୀଙ୍କ ସମ୍ପୃକ୍ତି ଥିବାରୁ ତୁରନ୍ତ ତାଙ୍କୁ ବହିଷ୍କାର କରାଯାଉ। ମୃତକଙ୍କ ପରିବାରକୁ ୧୫ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉ। ଏହି କ୍ଷତିପୂରଣ ରାଶି ଥାନାଧିକାରୀଙ୍କ ଦରମାରୁ କଟାଯାଉ। ଏହାର ନିରପେକ୍ଷ ତଦନ୍ତ ଲାଗି ଜିଲା ବାହାର ଏବଂ ପୋଲିସ ବିଭାଗ ବ୍ୟତୀତ ଅନ୍ୟ ଉଚ୍ଚ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଉ। ଥାନାଧିକାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ ପାଇଁ ମଞ୍ଚ କମିଶନଙ୍କୁ ଅନୁରୋଧ କରିଛି। ସେହିପରି ଆଇନଜୀବୀ ଗୋପାଳକୃଷ୍ଣ ପଣ୍ଡା ବାସେଳିସାହି ଥାନାରେ ସମ୍ପୃକ୍ତ ଆଇଆଇସିଙ୍କ ବିରୋଧରେ ଏତଲା ଦେଇଛନ୍ତି। କିନ୍ତୁ ଏ ସମ୍ପର୍କରେ ଥାନା ଅଧିକାରୀଙ୍କର କୌଣସି ପ୍ରତିକ୍ରିୟା ମିଳିନାହିଁ।

**ବିଧି ରକ୍ଷାର ସୁଯୋଗ ମିଳିଲାନି**

ତେଲୁଗୁ ସମ୍ପ୍ରଦାୟର ଯୁବକ ହେଉଛନ୍ତି କେ.ରମେଶ। ପୋଲିସ ହେପାଜତରେ ତାଙ୍କର ମୃତ୍ୟୁ ହୋଇଥିଲେ ହେଁ ଶେଷକୃତ୍ୟ ସମ୍ପନ୍ନ ପାଇଁ ପରିଜନଙ୍କୁ ସୁଯୋଗ ଦେଲାନି ପୋଲିସ। ତେଲୁଗୁ ସମ୍ପ୍ରଦାୟର କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ତାଙ୍କ ଶେଷକୃତ୍ୟ ପୂର୍ବରୁ କେତେକ ସ୍ୱତନ୍ତ୍ର ବିଧି ପାଳନ କରାଯାଏ। କିନ୍ତୁ ବ୍ୟବଚ୍ଛେଦ ପରେ ରମେଶଙ୍କ ମୃତଦେହକୁ ପୋଲିସ ଲୁଚାଇ ନେଇ ସ୍ୱର୍ଗଦ୍ୱାରରେ ଦାହ କରିଦେଇଥିବା ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ଫଳରେ ଶେଷକୃତ୍ୟ ପୂର୍ବରୁ ବିଧି ପାଳନ ସମ୍ଭବ ହେଲା ନାହିଁ ବୋଲି ସେମାନେ କହିଛନ୍ତି।


ମୃତକ କେ. ରମେଶଙ୍କ ସମ୍ପର୍କୀୟଙ୍କ ସହ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ଅନ୍ୟମାନେ ଆଲୋଚନା କରୁଛନ୍ତି।



ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ଧସ୍ତାଧସ୍ତି।


ମୁଖ୍ୟ ଚିକିତ୍ସାଳୟ ଆଗରେ କଂଗ୍ରେସ କର୍ମୀ ଏବଂ ଅନ୍ୟମାନଙ୍କ ଧାରଣା।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

**ଇପିଏଫ୍ ପେନ୍‌ସନ ଭୋଗୀଙ୍କୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରାଯାଉ**

**କଟକ ଅଫିସ:** ଓଡ଼ିଶାରେ ଥିବା ୧ଲକ୍ଷ ୬୨ ହଜାର ଇପିଏଫ୍ ପେନସନ୍ ଭୋଗୀ ଆର୍ଥିକ ଅଭାବ ମଧ୍ୟରେ ଗତି କରୁଛନ୍ତି। ବିନା ମହଙ୍ଗା ଭତ୍ତାରେ ମାସିକ ୩୦୦ରୁ ୩୦୦୦ଟଙ୍କା ପେନସନ୍ ପାଉଥିବା ଏହି ବରିଷ୍ଠ ନାଗରିକମାନେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା ପାଇଁ ଇପିଏଫ୍ ପେନସନ୍ ଆସୋସିଏଶନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି।

## ସଂକ୍ଷେପରେ

### ଦୋକାନ ନିଜେ ଭାଙ୍ଗିଲେ ୪୫ ବ୍ୟବସାୟୀ

**ବାରଙ୍ଗ,୧୯।୧୧(ଡି.ଏନ୍.ଏ.):** ନନ୍ଦନକାନନ ଉପକଣ୍ଠରେ ଥିବା ୪୫ଜଣ ବ୍ୟବସାୟୀ ଗୁରୁବାର ସେମାନଙ୍କ ଦୋକାନକୁ ନିଜେ ଭାଙ୍ଗିଦେଇଛନ୍ତି। ଗୁରୁବାର ଦୋକାନ ଉଚ୍ଛେଦ କରାଯିବାକୁ ବ୍ୟବସାୟୀଙ୍କୁ ବୁଧବାର ବିଡିଏ ପକ୍ଷରୁ ସୂଚନା ଦିଆଯାଇଥିଲା। ତେବେ ବିଡିଏର ଏନଫୋର୍ସମେଣ୍ଟ ଟିମ ପୋଲିସ ଫୋର୍ସ ନେଇ ଆସିବାବେଳକୁ ବ୍ୟବସାୟୀମାନେ ନିଜ ଦୋକାନ ସବୁ ଭାଙ୍ଗୁଥିବାର ଦେଖିବାକୁ ପାଇଥିଲେ। ନନ୍ଦନକାନନର ପ୍ରତିଷ୍ଠା ଦିବସରେ କରାଯାଉଥିବା ଭୂତଳ ପାର୍କିଂର ଉଦ୍‌ଘାଟନ ମୁଖ୍ୟମନ୍ତ୍ରୀଙ୍କ ହାତରେ କରାଇବା ପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଯୋଜନା କରୁଛନ୍ତି। ଏଥିନିମନ୍ତେ ନନ୍ଦନକାନନ ମୁଖ୍ୟରାସ୍ତାର ପାର୍କିଂ ପାର୍ଶ୍ୱରେ ଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ କରିବା ନିମନ୍ତେ କୁହାଯାଇଥିଲା। ବ୍ୟବସାୟୀମାନେ ନନ୍ଦନକାନନର ସମ୍ମାନ ଓ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କରୋନା ସମୟରେ ଦୋକାନଗୁଡ଼ିକୁ ସଜାଡ଼ିଥିଲେ ମଧ ଭାଙ୍ଗି ଦେବାକୁ ବାଧ ହୋଇଛନ୍ତି। ତେବେ ନନ୍ଦନକାନନ ପକ୍ଷରୁ ସେମାନଙ୍କୁ ଥଇଥାନ କରାଯିବାର ଆଶା ରଖି ଦୋକାନଗୁଡିକ ଭାଙ୍ଗିଛନ୍ତି ବୋଲି ବ୍ୟବସାୟୀମାନେ କହିଛନ୍ତି।

### ବିଶ୍ୱ ଶୌଚାଳୟ ଦିବସ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ ଉତ୍‌ଥାନ ପକ୍ଷରୁ ବିଶ୍ୱ ଶୌଚାଳୟ ଦିବସ ଅନୁଷ୍ଠାନର ବୁଦ୍ଧେଶ୍ୱରୀ କାର୍ଯ୍ୟାଳୟରେ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ମହିଳା ଓ କିଶୋରୀମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ପ୍ରକଳ୍ପ ଅଧିକାରୀ ସନ୍ଧ୍ୟାରାଣୀ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ଶ୍ରମ ଅଧିକାରୀ ଏଚ୍.କେ. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶୌଚାଳୟ ନିର୍ମାଣ କରିବା ଓ ଏହାର ସଦ୍ ବ୍ୟବହାର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମମତା ସ୍ୱାଇଁ, ଅର୍ପିତା ଜେନା ଓ ଇତିଶ୍ରୀ ଶୁଭଦର୍ଶନୀ ତରାଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବାଲିପାଟଣା ଗ୍ରନ୍ଥାଗାର କର୍ମଚାରୀ ରତ୍ନାକରଙ୍କ ପରଲୋକ

**ଭୁବନେଶର,୧୯।୧୧:** ଭୁବନେଶର ଜିଲା ସୂଚନା ଲୋକ ଓ ସମ୍ପର୍କ କାର୍ଯ୍ୟାଳୟ ଅଧୀନ ବାଲିପାଟଣା ସୂଚନା କେନ୍ଦ୍ର ଓ ପାଠାଗାରର ଚତୁର୍ଥ ଶ୍ରେଣୀ କର୍ମଚାରୀ ରତ୍ନାକର ନାୟକଙ୍କ ବୁଧବାର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୪୯ ବର୍ଷ ହୋଇଥିଲା। ସେ କିଛିଦିନ ଧରି ଡାଇବେଟିସ ଓ ରକ୍ତହୀନତା ଆଦି ରୋଗରେ ପୀଡ଼ିତ ଥିଲେ। ଗୁରୁବାର ତାଙ୍କ ପାର୍ଥିବ ଶରୀରକୁ ନିଜ ଘର ଖୋର୍ଦ୍ଧା ଜିଲା କଣ୍ଟାମଲିମ ଗ୍ରାମକୁ ନିଆଯାଇ ଶବସତ୍କାର କରାଯାଇଛି। ତାଙ୍କର ମୃତ୍ୟୁ ଖବର ଶୁଣି ଭୁବନେଶର ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଠାଣି ରାଉତ, ବାଲିପାଟଣା ସୂଚନା କେନ୍ଦ୍ର ଓ ପାଠାଗାରର ଗ୍ରନ୍ଥଗାରିକ ଦୀପାଳିବାଳା ଦାସ ଏବଂ ଡିଆଇପିଆରଓ କାର୍ଯ୍ୟାଳୟର ଅନ୍ୟ କର୍ମଚାରୀ ସ୍ୱର୍ଗତ ନାୟକଙ୍କ ଗ୍ରାମକୁ ଯାଇ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ଅର୍ଥ ପ୍ରଦାନ ପାଇଁ କହିଥିଲେ।

# ତ୍ରିସ୍ତରୀୟ ସୁରକ୍ଷାରେ ବିଧାନସଭା

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ)**

ବିଧାନସଭାର ଶୀତକାଳୀନ ଅଧିବେଶନ ଶୁକ୍ରବାରଠାରୁ ଆରମ୍ଭ ହେଉଥିବାରୁ କମିଶନରେଟ ପୋଲିସ ପକ୍ଷରୁ ପରିସର ଓ ବାହାରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଗୁରୁବାର ଡିଜିପି ଅଭୟ ବିଧାନସଭା ପରିସରକୁ ବୁଲି ଦେଖିବା ସହ ସମସ୍ତ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଡିସିପି ଉମାଶଙ୍କର ଦାଶଙ୍କ ତତ୍ତ୍ୱାବଧାନରେ ୮୩ ଜଣ ବରିଷ୍ଠ ଅଧିକାରୀ ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ରହିଛନ୍ତି। ଏହି ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ୨ ଜଣ ଅତିରିକ୍ତ ଡିସିପି, ୧୦ ଜଣ ଏସିପି, ୧୦ଜଣ ଆଇଆଇସି ଓ ୫୮ଜଣ ଏସ୍‌ଆଇ ରହିଛନ୍ତି। ଏହାବ୍ୟତୀତ ପ୍ରତିବାଦ ତଥା ଧାରଣା ପାଇଁ ୨୮ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରୁଫ୍‌ଟପ୍ ସିକ୍ୟୁରିଟି, କ୍ୟୁଆର୍‌ଟି, ଷ୍ଟ୍ରାଇକିଙ୍ଗ ଫୋର୍ସ ସମେତ ସାଦା ପୋଷାକରେ ପୋଲିସ ମୁତୟନ ରହି ସ୍ଥିତି ଉପରେ ନଜର ରଖିବେ। ୪ଟି ଚେକ୍ ପୋଷ୍ଟ ରହିବା ସହ ବିଧାନସଭା ପରିସର ଓ ଚାରିପାଖରେ ସିସିଟିଭି କ୍ୟାମେରା ଲଗାଯାଇଛି।

କମିଶନରେଟ ପୋଲିସର ସୂଚନାନୁସାରେ, କୋଭିଡ୍ କଟକଣା ଯୋଗୁ ଆସନ୍ତା ୩୦ ତାରିଖ ଯାଏ କୌଣସି ରାଲି ଓ ଧାରଣାକୁ ଅନୁମତି ଦିଆଯାଇନାହିଁ। ଏଥିପାଇଁ ଏଯାଏ କୌଣସି ସଂଗଠନ ଆବେଦନ କରିନାହାନ୍ତି। ବିଧାନସଭା ଭିତର ଓ ବାହାରକୁ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରଯାଇଛି। ସୁରକ୍ଷା ବ୍ୟବସ୍ଥାର ଯାଞ୍ଚବେଳେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କ ସମେତ ଗୋଇନ୍ଦା ନିର୍ଦ୍ଦେଶକ ଓ ଡିଆଇଜି, ଆଇନ ଶୃଙ୍ଖଳା ଆଇଜି, ଭୁବନେଶ୍ୱର ଡିସିପି ଓ ଟ୍ରାଫିକ ଡିସିପି ପ୍ରମୁଖ ଉପସ୍ଥିତ ଥିଲେ।



କମିଶନରେଟ ପୋଲିସ ପକ୍ଷରୁ ହୋଇଥିବା ସୁରକ୍ଷା ବ୍ୟବସ୍ଥାକୁ ଡିଜିପି ଅଭୟ ଅନୁଧ୍ୟାନ କରୁଛନ୍ତି।

# ଦକ୍ଷିଣକାଳୀ ମନ୍ଦିରରୁ ଚୋରି

**ଚୌଦ୍ୱାର,୧୯।୧୧(ଡି.ଏନ୍.ଏ.)**

## ତାଡ଼ିନେଲେ ମା'ଙ୍କ ସୁନାଆଖି

ଚୌଦ୍ୱାର ଥାନା ଅନ୍ତର୍ଗତ ଥର୍ମାଲରୋଡ୍ ସ୍ଥିତ ଦକ୍ଷିଣକାଳୀ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଅଳଙ୍କାର, ହୁଣ୍ଡି ଅର୍ଥ ଚୋରି କରିବା ସହ ଦକ୍ଷିଣକାଳୀଙ୍କ ସୁନାଆଖି ଦୁଇଟିକୁ ତାଡି ନେଇଛନ୍ତି। ଏ ନେଇ ମନ୍ଦିର ପରିଚାଳକ ବିଜୟ ମହାନ୍ତି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୫୫୫/୨୦) ରୁଜୁ କରିଛି। ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀକୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ପତି କହିଛନ୍ତି।

# ସିକନ୍ଦର ଆଲାମ୍‌ଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶିଷ୍ଟ ସଙ୍ଗୀତ ବିଶାରଦ ମହମ୍ମଦ ସିକନ୍ଦର ଆଲାମ୍‌ଙ୍କର ପ୍ରତିମୂର୍ତ୍ତି ରବୀନ୍ଦ୍ର ମଣ୍ଡପ ନିକଟରେ ଅନାବରଣ ହୋଇଯାଇଛି। ପାରମ୍ପରିକ ଓଡ଼ିଶୀ ସଙ୍ଗୀତ, ଜଗନ୍ନାଥ ଜଣାଣ, ଭଜନ, ଛାନ୍ଦ ପାଇଁ ଘରେ ଘରେ ପରିଚିତ ସଙ୍ଗୀତ ବିଶାରଦଙ୍କ ପ୍ରତିମୂର୍ତ୍ତିକୁ ଗୁରୁବାର ଏକ ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ବିଧାୟକ ସୁଶାନ୍ତ କୁମାର ରାଉତ, ସଂସ୍କୃତି ବିଭାଗ ଅତିରିକ୍ତ ଶାସନ ସଚିବ ଡ. ରଞ୍ଜନ କୁମାର ଦାସ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ, ଗୁରୁ କେଳୁଚରଣ ମହାପାତ୍ର, ଓଡ଼ିଶା ଗବେଷଣା କେନ୍ଦ୍ରର ଅଧକ୍ଷା ଡ. ସଙ୍ଗୀତା ଗୋସ୍ୱାଇଁ, ଇଷଶ୍ରୀ ମିଶ୍ରଙ୍କ ସମେତ ବହୁ ବିଶିଷ୍ଟ କଣ୍ଠଶିଳ୍ପୀ ଉପସ୍ଥିତ ଥିଲେ।

# ରାସ୍ତାପାର୍ଶ୍ୱରୁ ମୃତଦେହ ଉଦ୍ଧାର, ହତ୍ୟା ସନ୍ଦେହ

**ଚୌଦ୍ୱାର,୧୯।୧୧(ଡି.ଏନ୍.ଏ.)**

ଟାଙ୍ଗୀ-କପିଳାସ ରାସ୍ତାର କରଞ୍ଜି ପଞ୍ଚାୟତ ବଡକୁସୁନୁପୁର ନିକଟ ରାସ୍ତାପାର୍ଶ୍ୱରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ଗୁରୁବାର ସକାଳେ ଚୌଦ୍ୱାର ପୋଲିସ ଉଦ୍ଧାର କରିଛି। ତାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରିଛି। ମିଳିଥିବା ସୂଚନା ଅନୁଯାୟୀ, ରାସ୍ତାପାର୍ଶ୍ୱରେ ଜରିପାଲରେ କିଛି ବନ୍ଧା ହୋଇଥିବା ଓ ସେଥିରୁ ଦୁର୍ଗନ୍ଧ ବାହାରୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଜରି ଖୋଲିବା ପରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୟସର ଜଣେ ବ୍ୟକ୍ତିଙ୍କ ମୃତଦେହ ଥିବା ଦେଖିବାକୁ ପାଇଥିଲା। ମୃତଦେହ ଫୁଲି ଯାଇଥିବାବେଳେ ହାତଗୋଡ ବନ୍ଧା ଯାଇଥିଲା। କେହି ଦୁର୍ବୃତ୍ତ ତାଙ୍କୁ ତଣ୍ଟି ଚିପି ହତ୍ୟା କରିବା ପରେ ଏଠାରେ ଫିଙ୍ଗି ଚାଲିଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅଧିକ ତଦନ୍ତ ଜାରି ରହିଥିବା ଆଇଆଇସି ବିରଞ୍ଚି ନାରାୟଣ ପତି କହିଛନ୍ତି। ଏ ନେଇ ଥାନାରେ ଏକ ମାମଲା(ନଂ.୫୫୬/୨୦) ରୁଜୁ ହୋଇଛି।




ରେଳସେବା ଘରୋଇକରଣ ନିଷ୍ପତ୍ତି ବିରୋଧରେ ରେଳ ଘରୋଇକରଣ ବିରୋଧୀ ଜନଅଭିଯାନ ପକ୍ଷରୁ ଗୁରୁବାର କଟକ ରେଳଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଜନଜାତି ଉପଦେଷ୍ଟା ବୋର୍ଡର ବୈଠକ

**ଭୁବନେଶ୍ୱର, ୧୯।୧୧ (ବ୍ୟୁରୋ)**

ଅନୁସୂଚିତ ଜାତି ଓ ଅନୁସୂଚିତ ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠାନର ୧୯ ତମ ଜନଜାତି ଉପଦେଷ୍ଟା ବୋର୍ଡର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପ୍ରାରମ୍ଭରେ ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ବୋର୍ଡର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଅନୁଷ୍ଠାନ ଦ୍ୱାରା କରାଯାଉଥିବା କାର୍ଯ୍ୟକ୍ରମ ଗୁଣବତ୍ତା ଓ ଉପାଦେୟତା ବିଷୟରେ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନ ଦ୍ୱାରା ପ୍ରକାଶିତ 'ଆଦିବାସୀ' ପତ୍ରିକାର ସମ୍ପାଦକୀୟ ମଣ୍ଡଳୀର ପୁନର୍ଗଠନକୁ ବୋର୍ଡର ସଦସ୍ୟମାନେ ଅନୁମୋଦନ କରିଥିଲେ। ଭର୍ଚ୍ଚୁଆଲ ତଥା ଭିଡିଓ କନ୍‌ଫରେନ୍‌ସିଂରେ ଆୟୋଜିତ ଏହି ବୈଠକରେ ବିଭାଗୀୟ ନିର୍ଦ୍ଦେଶିକା (ଏସ୍‌ଟି) ପୁନମ ଗୁହା, ଜନଜାତି ଉପଦେଷ୍ଟା ବୋର୍ଡର ସଦସ୍ୟ ଜଗଦାନନ୍ଦ, ପ୍ରଫେସର ପ୍ରସନ୍ନ ପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ ପଢ଼ିହାରୀଙ୍କ ଜୟନ୍ତୀ



**କଟକ ଅଫିସ, ୧୯।୧୧**

ସମ୍ବାଦପତ୍ର ବିକ୍ରେତା ସଂଘ ସଭାପତି ବିଜୟ କୁମାର ପଢିହାରୀଙ୍କ ୭୩ତମ ଜୟନ୍ତୀ ବାରବାଟୀ ଷ୍ଟାଡିୟମଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ବିଜୟ କୁମାର ପଢିହାରୀ, ଉପସଭାପତି ଶ୍ରୀନିବାସ ରେଡ୍ଡୀ, ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ଛାଟୋଇ, ସହ ସମ୍ପାଦକ ରତ୍ନାକର ପ୍ରଧାନ, କୋଷାଧକ୍ଷ ଅକ୍ଷୟ କୁମାର ମହାନ୍ତି, କମିଟି ସଭ୍ୟ ମନୋଜ ପାଲ, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ କୁମାର ସାହୁ, ହାଡିବନ୍ଧୁ ବେହେରା ଓ ପ୍ରଭାସ ପ୍ରଧାନ ଯୋଗଦେଇଥିଲେ।

# ଜେଲ ଗଲେ ସହକାରୀ ଉଦ୍ୟାନ ଅଧିକାରୀ, ପୋଲିସ୍ ଏଏସ୍‌ଆଇ

**ଭୁବନେଶ୍ୱର,୧୯।୧୧(ବ୍ୟୁରୋ):** ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରା ପଡ଼ିଥିବା ଧଉଳି ଥାନା ଏଏସ୍‌ଆଇ ତୋଫାନ ଗୁରୁ ଓ ନିମାପଡା ସହକାରୀ ଉଦ୍ୟାନ ଅଧିକାରୀ ରମାକାନ୍ତ ପରିଡାଙ୍କୁ ପଚରା ଉଚରା ପରେ ଗୁରୁବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ତାଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ନିମାପଡା ବ୍ଲକ କାଜିପୁର ଗ୍ରାମର ଝରଣା ସାମନ୍ତରାୟଙ୍କୁ ଛତୁ ଚାଷ ପାଇଁ ଋଣ ସବ୍‌ସିଡ କରାଇଦେବା ନେଇ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ହାତରେ ରମାକାନ୍ତ ଧରାପଡିଥିଲେ। ସେହିପରି ଧଉଳି ଥାନା ଅଞ୍ଚଳର ପ୍ରଶାନ୍ତ କୁମାର ସାହୁଙ୍କର ଏକ ମାମଲାର ସମାଧାନ କରାଇଦେବା ପାଇଁ ୧୫୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ତୋଫାନଙ୍କୁ ଭିଜିଲାନ୍ସ ଗିରଫ କରିଥିଲା।

# ୩,୦୩୬ ଷ୍ଟ୍ରିଟ୍ ଭେଣ୍ଡର ପାଇବେ ସ୍ୱନିଧି ଯୋଜନାରେ ଋଣ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଷ୍ଟ୍ରିଟ ଭେଣ୍ଡରମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ମନ୍ତ୍ରୀ ଷ୍ଟ୍ରିଟ ଭେଣ୍ଡର ସ୍ୱନିଧି ଯୋଜନାରେ ରାଜ୍ୟରେ ମାତ୍ର ୮,୪୫୮ଜଣଙ୍କୁ ଋଣ ସୁବିଧା ଯୋଗାଇ ଦିଆଯାଇଛି। ତେବେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ୬,୬୩୫ଟି ଆବେଦନ ଗ୍ରହଣ କରିଥିବାବେଳେ ୩,୦୩୬ଟିକୁ ଋଣ ମିଳିବାକୁ ମଞ୍ଜୁର କରାଯାଇଥିବା ବିଏମ୍‌ସି ସୂତ୍ରରୁ ପ୍ରକାଶ ପାଇଛି। ତେବେ ଏ ନେଇ ଆବେଦନ ଗ୍ରହଣ ଓ ମଞ୍ଜୁର କାର୍ଯ୍ୟ ଦ୍ୱରାନ୍ୱିତ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି.ମାଥିଭାଥନନ ପୌରସଂସ୍ଥାର କମିଶନର ଓ କାର୍ଯ୍ୟନିର୍ବାହୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୫ ନିର୍ବାଚନମଣ୍ଡଳୀର ଚିଠା ଭୋଟର ତାଲିକା ପ୍ରକାଶ

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**

ଭୁବନେଶ୍ୱର ଉପଖଣ୍ଡ ଅଧୀନ ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚିଠା ଭୋଟର ତାଲିକା ପ୍ରକାଶ ପାଇଛି। ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ୫ ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା- ବିଧାନସଭା ନିର୍ବାଚନ ମଣ୍ଡଳୀ ନଂ.୧୧୧ (ଜୟଦେବ), ୧୧୨ ଭୁବନେଶ୍ୱର(କେନ୍ଦ୍ର), ୧୧୩ ଭୁବନେଶ୍ୱର(ଉତ୍ତର), ୧୧୪ ଭୁବନେଶ୍ୱର(ଏକାମ୍ର), ୧୧୫- ଜଟଣୀର ସଂଶୋଧନ କାର୍ଯ୍ୟ ଆରମ୍ଭ କରାଯାଇଛି। ୨୦୨୧ ଜାନୁଆରୀ ୧ତାରିଖ ସୁଦ୍ଧା ଯାହାଙ୍କର ବୟସ ୧୮ ବର୍ଷ ହେଉଥିବ, ସେମାନେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ଠାରୁ ଫର୍ମ ନଂ ୬ ନେଇ ଆବେଦନ କରିପାରିବେ। ଅନଲାଇନରେ ଭୋଟର ତାଲିକା ସଂଶୋଧନ ନିମନ୍ତେ ଭୋଟରମାନେ ନିର୍ବାଚନ ଆୟୋଗଙ୍କ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ଏନ୍‌ଭିଏସ୍‌ପି.ଇନ୍ କିମ୍ବା ଭୋଟର ହେଲ୍ପଲାଇନ୍ ଲଗଅନ୍ କରି ନିଜର ନାମ ତନଖି ସହ ଫର୍ମ ଡାଉନଲୋଡ କରି ମଧ ଆବେଦନ କରିପାରିବେ। ଡିସେମ୍ବର ୧୫ ତାରିଖ ଆବେଦନର ଶେଷ ତାରିଖ ରଖାଯାଇଛି। ଜାନୁଆରୀ ୫ ସୁଦ୍ଧା ଆପତ୍ତି ଅଭିଯୋଗର ସମାଧାନ କରାଯିବ। ୨୦୨୧ ଜାନୁଆରୀ ୧୫ ରେ ସଂଶୋଧିତ ଭୋଟର ପ୍ରକାଶ ପାଇବ। ଭୋଟର ତାଲିକାରେ ଫଟୋ ନ ଥିଲେ ବିଏଲ୍‌ଓଙ୍କୁ ଫଟୋ ଦେବା ପାଇଁ ଏହି ସମୟସୀମା ମଧ୍ୟରେ ଆପତ୍ତି, ଅଭିଯୋଗ ଓ ଦାବି ପାଇଁ ଆବେଦନ କରିପାରିବେ। ଯେଉଁମାନଙ୍କ ଭୋଟର ତାଲିକାରେ ସମସ୍ୟା ରହିଛି ସେମାନେ ଏହି ସଂଶୋଧନ କାର୍ଯ୍ୟରେ ସାମିଲ ହେବାକୁ ଭୁବନେଶ୍ୱର ଉପ ଜିଲାପାଳ ଦେବବ୍ରତ ସାହୁ ନିବେଦନ କରିଛନ୍ତି।

# 'ଗ୍ରାମାଞ୍ଚଳରେ ମିଳିବ ଉନ୍ନତମାନର ବିଦ୍ୟୁତ୍‌ସେବା'

**ନିଶ୍ଚିନ୍ତକୋଇଲି,୧୯।୧୧(ସ୍ୱ.ପ୍ର.)**

## ଅଶୁରେଶ୍ୱରରେ ଗ୍ରିଡ୍ ଲୋକାର୍ପିତ

ନିଶ୍ଚିନ୍ତକୋଇଲି ସବ୍‌ଡିଭିଜନ ଅଧୀନ ଅଶୁରେଶ୍ୱରସ୍ଥିତ କେନ୍ଦିଲୋଠାରେ ଏକ ଗ୍ରୀଡ୍‌କୁ ଗୃହରାଷ୍ଟ୍ର ତଥା ଶକ୍ତିମନ୍ତ୍ରୀ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଗୁରୁବାର ଲୋକାର୍ପିତ କରିଛନ୍ତି। ଗ୍ରାମାଞ୍ଚଳରେ ଉନ୍ନତମାନର ବିଦ୍ୟୁତ୍‌ସେବା ଯୋଗାଇ ଦିଆଯିବ ବୋଲି ଏହି ଅବସରରେ ସେ ପ୍ରକାଶ କରିଛନ୍ତି। ଖୁବ୍‌ଶୀଘ୍ର ସ୍ଥାନୀୟ ଅଞ୍ଚଳରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର, ତାର ଓ ଖୁଣ୍ଟିଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ଅଧକ୍ଷା ସବିତା ଓଝା, ଜିଲା ପରିଷଦ ସଭ୍ୟା ସବିତା ସାମଲ, ଗୀତାଞ୍ଜଳି ପଣ୍ଡା, ଅଶୋକ ଓଝା, ଗିରିଶ ମହାପାତ୍ର ଓ ରମାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅଶୁରେଶ୍ୱର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ୧୧ ପଞ୍ଚାୟତର ୧୨ ହଜାର ଉପଭୋକ୍ତା ଦୀର୍ଘ ବର୍ଷ ହେବ ଉନ୍ନତମାନର ବିଦ୍ୟୁତସେବା ପାଇବାରୁ ବଞ୍ଚିତ ହେଉଥିଲେ। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିବା ପରେ ଅଶୁରେଶ୍ୱରରେ ଏହି ଗ୍ରୀଡ୍ ପ୍ରତିଷ୍ଠା କରାଯାଇଛି।

# ଧଉଳି ସଂରକ୍ଷଣ ନେଇ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର

**ପୁରୁଣା ଭୁବନେଶ୍ୱର,୧୯।୧୧(ଡି.ଏନ୍.ଏ.)**

ପର୍ଯ୍ୟଟନ କ୍ଷେତ୍ର ଧଉଳି ଶାନ୍ତିସ୍ତୁପର ସୁରକ୍ଷା ଏବଂ ସଂରକ୍ଷଣ ନେଇ ଗୁରୁବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ପତ୍ର ପ୍ରଦାନ କରାଯାଇଛି। ଏହି ପର୍ଯ୍ୟଟନ ସ୍ଥଳୀର ଉପଯୁକ୍ତ ସୁରକ୍ଷା ଓ ସଂରକ୍ଷଣ ରାଜ୍ୟ ସରକାରଙ୍କ ମୌଳିକ ଦାୟିତ୍ୱ। ଏହା ଶାନ୍ତିସ୍ତୁପ କଳିଙ୍ଗ ବୁଦ୍ଧ ସଂଘର ସ୍ୱତନ୍ତ୍ର ତତ୍ତ୍ୱାବଧାନରେ ଥିବାବେଳେ ଜିଲାପାଳ ଏହାର ଅଧକ୍ଷ ଅଟନ୍ତି। ଯାହା ସ୍ୱତନ୍ତ୍ର ଭାବେ ରାଜ୍ୟ ପର୍ଯ୍ୟଟନ ବିଭାଗ ଅଧୀନକୁ ଅଣାଗଲେ ସଂରକ୍ଷଣ ଦିଗରେ ଗୁରୁଦାୟିତ୍ୱ ବୃଦ୍ଧି ପାଇବ। ଏବେ ଶାନ୍ତିସ୍ତୁପର ଅଗ୍ରଭାଗରେ ଥିବା ସିମେଣ୍ଟ ଚାଦରରେ ନିର୍ମିତ ଛାତଗୁଡ଼ିକରୁ ସିମେଣ୍ଟ ଲୁହା ଖଣ୍ଡମାନ ଖସି ଅବକ୍ଷୟ ହେଉଛି। ଏହା ପର୍ଯ୍ୟଟକମାନଙ୍କ ପାଇଁ ମଧ ବିପଦ। ତେଣୁ ରାଜ୍ୟ ସରକାର ଏହାର ସ୍ୱତନ୍ତ୍ର ଦାୟିତ୍ୱ ନେବାପାଇଁ ଏକାମ୍ର ଜନ ଜାଗରଣ ମଞ୍ଚ ପତ୍ରରେ ଉଲ୍ଲେଖ କରିଛି। ଗୁରୁବାର ମଞ୍ଚ ଅଧକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ନେତୃତ୍ୱରେ ଏହି ପତ୍ର ଉପଜିଲାପାଳଙ୍କ ଜରିଆରେ ସଦସ୍ୟମାନେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏଥିରେ ଗୋପୀନାଥ ପ୍ରଧାନ, ରାଜୀବ ପୂଜାପଣ୍ଡା, ଉପନ ଦାସ, ନୃସିଂହ ମହାପାତ୍ର, ସାରସ୍ୱତ ଦ୍ୱିବେଦୀ, ଶତ୍ରୁଘ୍ନ ସେଠ, ଦିଲୀପ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

# ଦୈନିକ କ୍ଷୀର ଉତ୍ପାଦନ ୬୪ ଲକ୍ଷ ଲିଟରକୁ ବୃଦ୍ଧି

**ଭୁବନେଶ୍ୱର, ୧୯।୧୧(ବ୍ୟୁରୋ)**



## ଚାଷୀଙ୍କୁ ସ୍ୱାବଲମ୍ବୀ କରିବ ଗୋପାଳନ: ମନ୍ତ୍ରୀ

୨୦୧୮-୧୯ ବର୍ଷରେ ଦୈନିକ ହାରାହାରି ୬୩ ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିଲା। ୨୦୧୯-୨୦ରେ ଏହା ୬୪ ଲକ୍ଷ ଲିଟରକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଗୋପାଳନ ପାଇଁ ପର୍ଯ୍ୟାପ୍ତ ସୁବିଧା ଏବଂ ରିହାତି ବ୍ୟବସ୍ଥା କରାଯାଉଛି। ବର୍ଦ୍ଧିତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ସହିତ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇଦେବା ଲାଗି ଗୋପାଳନ ଏକ ବିସ୍ତୃତ କ୍ଷେତ୍ର। ଏଥିରେ ଆୟବୃଦ୍ଧିର ସୁଯୋଗ ରହିଛି। ଏହାର ଠିକଣା ଉପଯୋଗ କରିବାକୁ ଯୁବବର୍ଗ ଏବଂ ଚାଷୀମାନେ ଆଗେଇ ଆସନ୍ତୁ ବୋଲି ଆହ୍ୱାନ ଦେଇଛନ୍ତି କୃଷିମନ୍ତ୍ରୀ ଅରୁଣ କୁମାର ସାହୁ।

ଓଡ଼ିଶା ପ୍ରାଣୀଚିକିତ୍ସା ପରିଷଦ ପରିସରରେ ଆୟୋଜିତ ୬୯ତମ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମନ୍ତ୍ରୀ ସାହୁ କହିଛନ୍ତି, ରାଜ୍ୟରେ ଦୁଗ୍ଧ ଓ ଦୁଗ୍ଧଜାତୀୟ ଖାଦ୍ୟର ପର୍ଯ୍ୟାପ୍ତ ଚାହିଦା ରହିଛି। ଗୋପାଳନ, ମତ୍ସ୍ୟଚାଷ, କୁକୁଡ଼ାଚାଷ ଲାଗି ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ବିଗତ ବର୍ଷ ରାଜ୍ୟର ଚାଷୀଙ୍କୁ ୧୮,୯୪୨ ଘାସ ମଞ୍ଜି କିଟ୍ ପ୍ରଦାନ କରାଯାଇଛି। କରୋନା ସଙ୍କଟ ସମୟରେ ଓଡ଼ିଶାର ଚାଷୀଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁ ଲୋକଙ୍କ ଖାଦ୍ୟ ନିରାପତ୍ତାକୁ ସୁଦୃଢ଼ କରାଯାଇପାରିଛି। ରାଜ୍ୟକୁ ବାହୁଡ଼ିଥିବା ପ୍ରବାସୀ ଶ୍ରମିକଙ୍କୁ କୃଷିକ୍ଷେତ୍ରରେ ବ୍ୟବହାର କରିବାକୁ ସମସ୍ତ ଉଦ୍ୟମ କରାଯାଉଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ଉଦ୍‌ବୋଧନ ଦେଇ କହିଛନ୍ତି, ରାଜ୍ୟରେ ବିଗତ ବର୍ଷରେ ୧୪.୩୯୫ ଲକ୍ଷ କୃତ୍ରିମ ପ୍ରଜନନ କରାଯାଇଥିବା ବେଳେ ୫.୬୩ ଲକ୍ଷ ବାଛୁରି ଜନ୍ମ ହୋଇଛନ୍ତି। ରାଜ୍ୟରେ ଶଙ୍କର ଜାତୀୟ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇଛି। ସେମାନଙ୍କୁ ନିରୋଗ ରଖିବାକୁ ୩୭୩.୩୪ ଲକ୍ଷ ଟୀକା ଦିଆଯାଇଛି। ୧୦୮.୬୮ ଲକ୍ଷ ପ୍ରାଣୀଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିବା ସଚିବ ସୂଚନା ଦେଇଛନ୍ତି।